RNI No.ODIODI/2010/33031
୧୦ମ ବର୍ଷ Volume- 10
ସଂଖ୍ୟା- ୭୯ Issue- 79
ଭୁବନେଶ୍ୱର, ଶନିବାର ୦୧ ଜୁନ୍ ୨୦୧୯
Bhubaneswar, Saturday 01 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ସନ୍ନିଙ୍କ ସାଇକେଲ ଷ୍ଟଣ୍ଟ ସୋସିଆଲ ମିଡିଆରେ ଭାଇରାଲ

# ଆଜି ବାଚସ୍ପତି ନିର୍ବାଚନ
## ସୂର୍ଯ୍ୟନାରାୟଣ ପାତ୍ରଙ୍କ ନାମାଙ୍କନ ପତ୍ର ଦାଖଲ

ଭୁବନେଶ୍ୱର, ୩୧।୫ (ନି.ପ୍ର.): ଶନିବାର ଦିନ ପୂର୍ବାହ୍ନ ୧୧ଟାରେ ରାଜ୍ୟ ବିଧାନସଭାର ବାଚସ୍ପତି ନିବାଚନ ହେବ। ଷୋଡଶ ବିଧାନସଭାର ନୂତନ ବାଚସ୍ପତି ନିର୍ବାଚନ ପାଇଁ ବିଜେଡ଼ି ଦଳ ପକ୍ଷରୁ ଦଳର ବରିଷ୍ଠ ବିଧାୟଭ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ଏଥିପାଇଁ ନାମାଙ୍କନ ପତ୍ର ଦାଖଲ କରାଯାଇଛି। ବିଧାନସଭାର ଭାରପ୍ରାପ୍ତ ସଚିବଙ୍କ ପାଖରେ ଏହି ନାମାଙ୍କନ ପତ୍ର ଦାଖଲ ହୋଇଛି। ଏହି ନାମାଙ୍କନ ପତ୍ର ଦାଖଲ ବେଳେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଉପସ୍ଥିତ ଥିଲେ।



ଦିଗପହଣ୍ଡି ବିଧାୟକ ସୂର୍ଯ୍ୟନାରାୟଣ ପାତ୍ର ବାଚସ୍ପତି ଭାବେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଆସନ୍ତାକାଲି ସ୍ୱତନ୍ତ୍ର ଅଧିବେଶନ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକ ଶ୍ରୀ ପାତ୍ରଙ୍କୁ ବାଚସ୍ପତି ରୂପେ ନିର୍ବାଚିତ କରିବାକୁ ଏକ ପ୍ରସ୍ତାବ ଆଗତ କରିବେ। ସେହି ପ୍ରସ୍ତାବକୁ ସମର୍ଥନ କରିବେ ସଂସଦୀୟ ବ୍ୟାପାରମନ୍ତ୍ରୀ ବିକ୍ରମ କେଶରୀ ଆରୁଖ। ଆଜି ଏ ସଂକ୍ରାନ୍ତରେ ବିଧାନସଭା କାର୍ଯ୍ୟାଳୟ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଛି।

୧୪୭ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ବିଜୁ ଜନତା ଦଳ ୧୧୨ଟି ଆସନ ପାଇ ସଂଖ୍ୟା ଗରିଷ୍ଠତା ହାସଲ କରିଥିବାରୁ ଶ୍ରୀ ପାତ୍ର ବାଚସ୍ପତି ରୂପେ ନିବାଚିତ ହେବାରେ କୌଣସି ଶଙ୍କା ନାହିଁ।




ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଜନସଚେତନତା ଲାଗି ପୁରୀ ବେଳାଭୂମିରେ ବାଲୁକାଶିଳ୍ପୀ ମାନସ ସାହୁଙ୍କ ଅଭିନବ ପ୍ରୟାସ

## ବାଲ୍‌କୋନିରୁ ଖସି ନର୍ସିଂହୋମ୍ ସୁଇପର ମୃତ

ଭଦ୍ରକ, ୩୧।୫: ଭଦ୍ରକ ସହରର ଐତିହାସିକ ଗାନ୍ଧିପଡିଆ ନିକଟରେ ଥିବା ଘରୋଇ ପାଢୀ ନର୍ସିଂହୋମ୍‌ରେ ସୁଇପର ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକ ୩ ତାଲା ବାଲ୍‌କୋନିରୁ ଖସିପଡି ମୃତ୍ୟୁବରଣ କରିଥିବାର ଜଣାପଡିଛି। ଏ ସଂପର୍କରେ ସହରାଂଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଥାନାଧିକାରିଣୀ ସରୋଜିନୀ ସିଂଙ୍କ ଦ୍ୱାରା କ୍ଷେତ୍ରୀୟ ତଦନ୍ତ ପରେ ଶବ ବ୍ୟବଚ୍ଛେଦ କରାଯାଇ ତାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଅବିଭକ୍ତ ବାଲେଶ୍ୱର ଜିଲାର ଖଇରା ବ୍ଲକ୍ ଅଧୀନସ୍ଥ ହରିପୁର ପଂଚାୟତର ଏକାଦୋଳି ଗ୍ରାମନିବାସୀ ନାରାୟଣ ଚନ୍ଦ୍ର ଦାସଙ୍କ ପୁତ୍ର ମହେଶ୍ୱର(୪୦) ଦୀର୍ଘ ୩ ବର୍ଷ ହେବ ଭଦ୍ରକର ପାଢୀ ନର୍ସିଂହୋମ୍‌ରେ ସୁଇପର ଭାବେ କାର୍ଯ୍ୟ କରେ। ଆଜି ଭୋର୍‌ରୁ ମହେଶ୍ୱରର ମୃତଦେହକୁ ନର୍ସିଂହୋମ୍‌ର ୩ ତାଲା ବାଲ୍‌କୋନି ତଳେ କ୍ଷତାକ୍ତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ତାକୁ ଭଦ୍ରକ ଡାକ୍ତରଖାନା ଅଣାଯାଇଥିଲେ ମଧ ତାର ମୃତ୍ୟୁ ଘଟିଥିଲା। ମହେଶ୍ୱରର ମୃତ୍ୟୁ ସଂପର୍କରେ ଯାହା ଜଣାଯାଏ ନର୍ସିଂହୋମ୍‌ର କେତେକ କର୍ମଚାରୀ ଓ ରୋଗୀ ତାକୁ ସଫା କରିବାର ରାତିରେ ଦେଖିଥିଲେ। ଏଣୁ ସମ୍ଭବତଃ ସେ କୌଣସି କାରଣରୁ କାର୍ଯ୍ୟ କରୁଥିବା ଅବସ୍ଥାରେ ତଳକୁ ଖସିପଡି ମୃତ୍ୟୁବରଣ କରିଥିବା ବିଷୟ ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ମୋଦି ସରକାରଙ୍କ ପ୍ରଥମ କ୍ୟାବିନେଟ୍: ସହିଦଙ୍କ ପରିବାର ଖୁସ୍

ନୂଆଦିଲ୍ଲୀ, ୩୧।୫: ଗତ କାଲି ଶପଥ ଗ୍ରହଣ କରିବା ପରେ ଆଜି କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକ ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବୈଠକରେ ଅଧ୍ୟକ୍ଷତା କରୁଛନ୍ତି। ଏହି ବୈଠକରେ ଜାତୀୟ ପ୍ରତିରକ୍ଷା ପାଣ୍ଠି ଅଧିନରେ ଦିଆଯାଉଥିବା ପ୍ରଧାନମନ୍ତ୍ରୀ ଛାତ୍ରବୃତି ଯୋଜନାରେ ଆତଙ୍କବାଦୀ ଓ ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବେଳେ ସହିଦ ହେଉଥିବା ରାଜ୍ୟ ପୋଲିସ କର୍ମଚାରୀଙ୍କ ପିଲାମାନଙ୍କୁ ସାମିଲ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହା ସହିତ ବାଳକମାନଙ୍କ ପାଇଁ ଏହି ବୃତି ପରିମାଣ ମାସିକ ୨୦୦୦ରୁ ୨୫୦୦ ଟଙ୍କା ଓ ବାଳିକାମାନଙ୍କ ପାଇଁ ମାସିକ ୨୨୫୦ରୁ ୩୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ନିଜ ଅଫିସରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ବୈଠକରେ ଯୋଗ ଦେବା ପାଇଁ ସବୁ ମନ୍ତ୍ରୀ ପହଂଚିଛନ୍ତି। ବୈଠକରେ କେତେକ ବଡ଼ ନିଷ୍ପତି ଘୋଷଣା କରାଯିବାର ସମ୍ଭାବନା ରହିଛି। ୨୦୧୪ରେ ନିଜର ପ୍ରଥମ ମନ୍ତ୍ରୀମଣ୍ଡଳ ବୈଠକରେ ମୋଦି ସରକାର କଳାଧନ ବିରୋଧରେ ଏସଆଇଟି ଗଠନ ଲାଗି ନିଷ୍ପତି ନେଇଥିଲେ। ଆଜିର ବୈଠକରେ ୧୭ଶ ଲୋକସଭାର ପ୍ରଥମ ବୈଠକର ତାରିଖ ସଂପର୍କରେ ନିଷ୍ପତି ହୋଇପାରେ।

## ଏନକାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର, ୩୧।୫: ଜମ୍ମୁ କଶ୍ମୀରରେ ବିଗତ ୧୨ ଘଂଟା ମଧ୍ୟରେ ସୁରକ୍ଷାବାହିନୀର ଯବାନମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ୩ଟି ଏନକାଉଂଟର କରିଛନ୍ତି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ସୁରକ୍ଷାବାହିନୀର ଏନକାଉଂଟରରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। କେବଳ ଗୋଟିଏ ଏନ୍‌କାଉଂଟରରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। କେବଳ ଗୋଟିଏ ଏନକାଉଂଟରରେ ୩ ଜଣ ଆତଙ୍କବାଦୀ ନିହତ ହୋଇଥିବା ବେଳେ ରିପୋର୍ଟ ଲେଖାଯିବା ବେଳକୁ ଅନ୍ୟ ୨ଟି ଏନକାଉଂଟର ଜାରି ରହିଛି। ସୋପିଆର ଦରଗଦ ସୁଗନ ଅଂଚଳରେ ପ୍ରଥମ ଏନକାଉଂଟର ହୋଇଥିଲା। ଏଠାରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଦକ୍ଷିଣ କଶ୍ମୀରର ଅବନ୍ତିପୁରା ଓ ପୁଲୱାମାର ତ୍ରାଲରେ ସୁରକ୍ଷାବାହିନୀର ଏନକାଉଂଟର ଜାରି ରହିଛି। ରିପୋର୍ଟ ଅନୁସାରେ ଶୁକ୍ରବାର ଅପରାହ୍ନ ୩ଟା ୩୦ ରେ ସୁରକ୍ଷାବଳଙ୍କୁ ସୂଚନା ମିଳିଥିଲା ଯେ, ଅବନ୍ତୀପୁରା ଅଂଚଳରେ କିଛି ଆତଙ୍କବାଦୀ ଲୁଚିଛନ୍ତି। ଏହା ପରେ ସିଆରପିଏଫ୍, ରାଷ୍ଟ୍ରୀୟ ରାଇଫଲ୍ ଓ ଜମ୍ମୁ କଶ୍ମୀର ପୁଲିସର ସ୍ପେଶାଲ ଅପରେସନ୍ ଗ୍ରୁପ୍ ଘେରାବନ୍ଦୀ କରିଥିଲା। ଏହା ପରେ ଏନକାଉଂଟର କରିଥିଲା। ଏହି ଅଂଚଳରେ ୩ରୁ ୪ ଆତଙ୍କବାଦୀ ଥିବା ସନ୍ଦେହ କରାଯାଉଛି।

## ଜୁନ୍ ୫ରୁ ଝାରସୁଗୁଡାରୁ ଉଡିବ ବିମାନ



ଝାରସୁଗୁଡା, ୩୧।୫ (ନି.ପ୍ର.): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଆଗାମୀ ଜୁନ୍ ୫ରେ ଭୁବନେଶ୍ୱର ଓ ଛତିଶଗଡ଼ ରାଜଧାନୀ ରାୟପୁର ବିମାନ ଉଡିବ। ଏୟାର ଇଣ୍ଡିଆର ଆଲାଏନ୍ସ ଏୟାର ବିମାନଯାତ୍ରୀଙ୍କୁ ଏହି ସେବା ଯୋଗାଇବ ବୋଲି ଜଣାପଡିଛି। କେନ୍ଦ୍ର ସରକାରଙ୍କ 'ଉଡେ ଦେଶ କା ଆମ୍ ନାଗରିକ' (ଉଡାନ୍) ଯୋଜନାରେ ଏହି ବିମାନ ପରିଚାଳିତ ହେବ। କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ କରାଯାଇଥିବା ଟ୍ୱିଟ୍‌ରୁ ଜଣାପଡିଛି ଯେ, ଆଲାଏନ୍ସ ଏୟାର ସେବା ଝାରସୁଗୁଡା ବିମାନ ବନ୍ଦରଠାରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଏବଂ ରାୟପୁରସ୍ଥିତ ବିବେକାନନ୍ଦ ବିମାନ ବନ୍ଦରକୁ ଜୁନ୍ ୫ରୁ ପରିଚାଳନା କରାଯିବ।

## ୮ କୋଚିଂ ସେଣ୍ଟର ଓ ୩ ପେଟ୍ରୋଲ ପମ୍ପରେ ଚଢ଼ଉ
## ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ



ସୁନ୍ଦରଗଡ଼, ୩୧।୫ (ନି.ପ୍ର.): ଅଗ୍ନିଶମ ବିଭାଗ ପକ୍ଷରୁ ଆଜି ସୁନ୍ଦରଗଡ଼ ସହରର ପ୍ରାୟ ୮ଟି କୋଚିଂ ସେଂଟର ଏବଂ ୩ଟି ପେଟ୍ରୋଲ ପମ୍ପରେ ଚଢ଼ଉ କରାଯାଇ ଅଗ୍ନି ନିରାପତା ବ୍ୟବସ୍ଥାର ଯାଂଚ୍ କରାଯାଇଛି । ଚଢ଼ଉ ସମୟରେ କୌଣସି କୋଚିଂ ସେଂଟରରେ ଅଗ୍ନି ନିରାପତା ବ୍ୟବସ୍ଥା ନଥିବା ଦେଖିବାକୁ ମିଳିଛି । ସମସ୍ତ କୋଚିଂ ସେଂଟର ମାଲିକଙ୍କୁ ଏନେଇ ତାଗିଦ୍ କରାଯିବା ସହ ଯଥା ଶୀଘ୍ର ଅଗ୍ନି ନିରାପତା ବ୍ୟବସ୍ଥା କରିବା ଏବଂ ବିଭାଗ ପକ୍ଷରୁ ଅଗ୍ନି ନିରାପତା ସାର୍ଟିଫିକେଟ୍ ପାଇବା ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନୁରୂପ ଭାବେ ସହରର ୩ଟି ପେଟ୍ରୋଲ ପମ୍ପରେ ମଧ ଅଗ୍ନି ନିରାପତା ବ୍ୟବସ୍ଥାର ଯାଂଚ୍ କରାଯାଇଛି । ଯାଂଚ୍ ପରେ ଗଣମାଧ୍ୟମକୁ ସୂଚନା ଦେଇ ଅଗ୍ନିଶମ ଅଧିକାରୀ କହିଛନ୍ତି ଯେ, ସମସ୍ତ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରାଯିବ। ଏଥିସହ ଏସବୁ ପେଟ୍ରୋଲ୍ ପମ୍ପ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯିବ।

## ଟ୍ରକ ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

କେନ୍ଦ୍ରାପଡ଼ା, ୩୧।୫ (ନି.ପ୍ର.): କେନ୍ଦ୍ରାପଡ଼ା ସଦର ଥାନା ଅଧିନ ବାଲିଆ ନିକଟରେ ଏକ ଟ୍ରକ ଦୁର୍ଘଟଣାରେ ଚାଳକ ଜଣକ ଗୁରୁତର ଭାବେ ଆହତ ହୋଇ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି। ବୁଧବାର ବିଳମ୍ବିତ ରାତିରେ ଓଆର-୦୫-ଡି-୬୩୧୩ ମାଲବାହୀ ଟ୍ରକ କଟକରୁ ପଟ୍ଟାମୁଣ୍ଡାଇ ଆଡକୁ ଯାଉଥିବା ବାଲିଆ ପେଟ୍ରୋଲ ଟାଙ୍କି ସାମ୍ନାରେ ଆଗରେ ଯାଉଥିବା ଅନ୍ୟ ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଆଗ ଏକସିଲ ସହ ଡାହାଣ ପଟ ଚକା ଗାଡିରୁ ସଂପୂର୍ଣ୍ଣ ଅଲଗା ହୋଇଯାଇଥିଲା। ଫଳରେ ଡ୍ରାଇଭର ଜଣକ ଗୁରୁତର ଭାବେ ଆହତ ହୋଇଛନ୍ତି । ଟ୍ରକଟି ଦାନପୁର ଅଂଚଳର ବୋଲି ଜଣାପଡିଛି।

## ଜୟ ଶ୍ରୀରାମ ନାରା ଶୁଣି ରାଗିଲେ ଦିଦି
### ଦେହରୁ ଚମଡା ଉତ୍ତାରି ଦେବାର ଦେଲେ ଧମକ



ନୂଆଦିଲ୍ଲୀ, ୩୧।୫: ଜୟ ଶ୍ରୀରାମ ନାରା ଶୁଣି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଗି ଯାଇଥିବା ଦେଖା ଯାଇଛି। ରାଗରେ ନାରା ଲଗାଉଥିବା ଲୋକଙ୍କୁ ମମତା ଚମଡା ଉତାରି ଦେବି ବୋଲି ଧମକ ଦେଇଥିବା ଦେଖା ଯାଇଛି, ଯାହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣାଟି ଗତକାଲି ଘଟିଥିବା ନେଇ ସାମ୍ନାକୁ ଆସିଛି। ସୂଚନା ମୁତାବକ, ମମତା ପଶ୍ଚିମବଙ୍ଗର ଉତର ୨୪ ପ୍ରଗଣା ଜିଲ୍ଲା ଦେଇ ଧାରଣାସ୍ଥଳକୁ ଯାଇଥିବା ସମୟରେ ରାସ୍ତାର ଆଖପାଖରେ କିଛି ଲୋକ ଜୟ ଶ୍ରୀ ରାମ କହି ନାରାବାଜି କରିଥିଲେ। ଯାହାକୁ ଶୁଣିବା ପରେ ରାଗି ଯାଇଥିଲେ ମମତା। କାରରୁ ଓହ୍ଲାଇ ମମତା ସେମାନଙ୍କ ଉପରେ ଚିତ୍କାର କରି ସଂପୃକ୍ତ ଲୋକଙ୍କୁ ବିଜେପିର ଏଜେଂଟ ବୋଲି କହିଥିଲେ। ଏହା ସହ ଚମଡା ଉତାରି ଦେବି ବୋଲି ଧମକ ଦେଇଥିଲେ। ତେବେ ଏହି ଘଟଣା ପରେ ପୋଲିସ ୭ ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି।

## ୨୧ ବିଧାୟକଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର, ୩୧।୫ (ନି.ପ୍ର.): ଶୁକ୍ରବାର ବିଧାନସଭାରେ ଶପଥପାଠ ଉତ୍ସବର ପ୍ରଥମାର୍ଦ୍ଧନରେ ବୈଠକରେ ମୋଟ ୨୧ ଜଣ ବିଧାୟକ ଓ ବିଧାୟିକା ଶପଥ ଗ୍ରହଣ କରିଛନ୍ତି। କାମଳା ବାଚସ୍ପତି ଅମର ପ୍ରସାଦ ଶତପଥୀ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେମାନଙ୍କ ମଧରୁ ଶାସକ ବିଜେଡ଼ି ଦଳର ୧୭ ଜଣ ସିପିଏମ୍‌ର ଏକ ମାତ୍ର ବିଧଶୟକ ଲକ୍ଷ୍ମଣ ମୁଣ୍ଡା, କଗ୍ରେସର ଜଣେ (ରମେଶ ଜେନା), ବିଜେପିର ୨ ଜଣ (ପ୍ରଦୀପ ନାୟକ ଓ ଭାସ୍କର ମଢେଇ) ଶପଥ ନେଇଥିଲେ। ଏହି ଶପଥ ପାଠ ଉତ୍ସବ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିଲେ ହେଁ ବିଧାୟକମାନେ ଆସିନଥିବାରୁ କାମଚଳା ବାଚସ୍ପତି ଶ୍ରୀ ଶତପଥୀ ୧୦ଟା ୭ରୁ ୧୦ଟା ୩୭ ପର୍ଯ୍ୟନ୍ତ ୩୦ ମିନିଟ୍, ୧୧ଟା ୨୨ରୁ ୧୨ଟା ୧୫ ପର୍ଯ୍ୟନ୍ତ, ୧୨ଟା ୩୬ରୁ ୧୨ଟା ୫୦ ପର୍ଯ୍ୟନ୍ତ ଗୃହର କାର୍ଯ୍ୟକ୍ରମ ବନ୍ଦ ରଖିଥିଲେ। ଶପଥପାଠ କାର୍ଯ୍ୟକ୍ରମରେ ଶ୍ରୀ ଶତପଥୀ ପଞ୍ଚଦଶ ବିଧାନସଭାର ବାଚସ୍ପତି ପ୍ରଦୀପ ଅମାତଙ୍କୁ ଶପଥ ପାଠ କରାଇଥିଲେ।

## ବ୍ରିଟେନ ହାଇକୋର୍ଟରେ ନିରବ ମୋଦିର ଜାମିନ୍ ଆବେଦନ

ଲଣ୍ଡନ, ୩୧।୫: ଜାମିନ ପାଇଁ ବ୍ରିଟିଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ପ୍ରାୟ ୧୩ ହଜାର କୋଟି ଟଙ୍କାର ପିଏନବି ଋଣ ଠକେଇର ମୁଖ୍ୟ ଅଭିଯୁକ୍ତ ନିରବ ମୋଦି। ଗତ କାଲି ଲଣ୍ଡନର ୱେଷ୍ଟମିନିଷ୍ଟର କୋର୍ଟ ନିରବର ଜାମିନ ଆବେଦନକୁ ଖାରଜ କରିବା ସହ ଭାରତ ପ୍ରତ୍ୟାର୍ପଣ କଲେ ତାକୁ କେଉଁ ଜେଲରେ ରଖାଯିବ ତାହା ଜାଣିବାକୁ ଚାହିଁଥିଲେ। ଏହା ଜାରିବା ପରେ ନିରବ ଆତଙ୍କିତ ହୋଇଯାଇଛି। ସେଥିପାଇଁ ସେ



ବ୍ରିଟେନ ହାଇକୋର୍ଟରେ ଜାମିନ ପାଇଁ ଅପିଲ କରିଛି।ଗତ ମାର୍ଚ୍ଚ ୨୦ ତାରିଖରେ ଲଣ୍ଡନରେ ସ୍କଟଲାଣ୍ଡ ୟାର୍ଡ ପୋଲିସ ନିରବ ମୋଦିଙ୍କୁ ଗିରଫ କରିଥିଲା। ସେହି ଦିନଠାରୁ ସେ ଲଣ୍ଡନର ଏକ ଜେଲରେ ରହିଛି। ଗତ ମାର୍ଚ୍ଚ ୯ ତାରିଖରେ ନିରବ ମୋଦିଙ୍କୁ ଦେଶକୁ ପ୍ରତ୍ୟାର୍ପିତ କରିବା ପାଇଁ ଭାରତ କରିଥିବା ଅନୁରୋଧକୁ ଗ୍ରହଣ କରିଥିଲା ବ୍ରିଟେନ। ବ୍ରିଟିଶ ଗୃହ ସଚିବ ସଜିଦ୍ ଜାଭିଦ ଏହି ଅନୁରୋଧକୁ ଗ୍ରହଣ କରି ନିରବଙ୍କୁ ଭାରତକୁ ପ୍ରତ୍ୟାର୍ପିତ କରିବାକୁ ଇଂଲଣ୍ଡ ସହଯୋଗ କରିବ ବୋଲି ଜଣାଇଥିଲେ।

## ଡରାଉଛି ତାତି: ୪୦° ଉପରେ ୧୦ ସହରର ତାପମାତ୍ରା

ଭୁବନେଶ୍ୱର, ୩୧।୫ (ନି.ପ୍ର.): ରାଜ୍ୟରେ ଦୀର୍ଘଦିନ ଧରି ଅସହ୍ୟ ଗୁଳୁଗୁଳି ଲାଗି ରହିଥିଲା। ଆଜି ମଧ୍ୟ ସମାନ ସ୍ଥିତି ଥିଲା। ଆଜି ରାଜ୍ୟର ୧୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ବିଶେଷ କରି ପଶ୍ଚିମ ଓଡିଶାରେ ତାତି କମିବାର ନାଁ ନେଉନାହିଁ। ଆଜି ରାଜ୍ୟରେ ଟିଟିଲାଗଡ଼ର ତାପମାତ୍ରା ସର୍ବାଧିକ ୪୪ ଡିଗ୍ରି ସେଲସିୟସ ଥିବା ବେଳେ ଗୋପାଳପୁରରେ ସର୍ବନିମ୍ନ ୩୨.୮ ଡିଗ୍ରୀ ତାପମାତ୍ରା ରହିଛି । ବଲାଙ୍ଗିରର ତାପମାତ୍ରା ୪୨.୫ ଡିଗ୍ରୀ ରହିଥିବା ବେଳେ ଝାରସୁଗୁଡ଼ାରେ ୪୨.୨ ଡିଗ୍ରୀ, ଭବାନୀପାଟଣାରେ ୪୨ ଡିଗ୍ରୀ, ଅନୁଗୁଳରେ ୪୧.୭ ଡିଗ୍ରୀ, ତାଳଚେରରେ ୪୧.୭ ଡିଗ୍ରୀ, ସମ୍ବଲପୁରରେ ୪୧.୩ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ଼ କରାଯାଇଛି । ସେହିପରି ହୀରାକୁଦର ତାପମାତ୍ରା ୪୧.୧ ଡିଗ୍ରୀ, ସୁନ୍ଦରଗଡ଼ରେ ୪୧, ସୋନପୁରରେ ୪୧, ଚାନ୍ଦବାଲିରେ ୩୯.୭, କେଉଁଝରଗଡ଼ରେ ୩୯.୫ ଡିଗ୍ରୀ ସେଲସିୟସ ତାପମାତ୍ରା ରହିଛି । ସେହିପରି ବାରିପଦାରେ ୩୯ ଡିଗ୍ରୀ, ମାଲକାନଗିରିରେ ୩୯ ଡିଗ୍ରୀ, ରାଜଧାନୀ ଭୁବନେଶ୍ୱରରେ ୩୮.୨ ଡିଗ୍ରୀ, କଟକରେ ୩୭.୬ ଡିଗ୍ରୀ, ବାଲେଶ୍ୱରରେ ୩୬.୮ ଡିଗ୍ରୀ, ପୁରୀରେ ୩୪.୨ ଡିଗ୍ରୀ, କୋରାପୁଟରେ ୩୪.୨ ଡିଗ୍ରୀ, ଦାରିଙ୍ଗିବାଡ଼ିରେ ୩୪ ଡିଗ୍ରୀ ଏବଂ ପାରାଦ୍ୱୀପରେ ୩୨.୯ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ଼ କରାଯାଇଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରରୁ ଜଣାପଡ଼ିଛି ।



## ଗୁପ୍ତଚର ବୃତ୍ତି ପାଇଁ ପାକିସ୍ତାନ ସେନା ଜେନେରାଲଙ୍କୁ ଆଜୀବନ କାରାଦଣ୍ଡ, ବ୍ରିଗେଡିୟରଙ୍କୁ ମୃତ୍ୟୁଦଣ୍ଡ



ନୂଆଦିଲ୍ଲୀ, ୩୧।୫: ଏକ ବଡ଼ ଖବର ସାମ୍ନାକୁ ଆସିଛି। ଗୁରୁବାର ଗୁପ୍ତଚର ବୃତ୍ତି ପାଇଁ ଜଣେ ପାକିସ୍ତାନ ସେନା ଜେନେରାଲଙ୍କୁ ଆଜୀବନ କାରାଦଣ୍ଡ ଦିଆଯିବା ସହ ଜଣେ ବ୍ରିଗେଡିୟରଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିବା ଜଣାପଡିଛି। ସେନା ସହ ସମ୍ବନ୍ଧିତ ଗୁପ୍ତ ଏବଂ ସମ୍ବେଦନଶୀଳ ତଥ୍ୟକୁ ବିଦେଶୀ ଏଜେନ୍ସିଙ୍କୁ ଦେଇଥିବାରୁ ପାକିସ୍ତାନର ସେନା ପ୍ରମୁଖ ଜେନେରାଲ କମର ଜାଭେଦ ବାଜୱାଙ୍କ ଅଧ୍ୟକ୍ଷତାରେ ଗଠିତ ସାମରିକ ଅଦାଲତ ଏହି ଦଣ୍ଡ ଶୁଣାଇଛନ୍ତି। ଏହି ଦଣ୍ଡ ଶୁଣାଯିବା ପରେ ଏବେ ଅବସର ନେଇ ସାରିଥିବା ଲେପ୍ଟନାଂଟ ଜେନେରାଲ ଜାଭେଦ ଇକ୍‌ବାଲଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଛି। ଏହା ସହ ଅବସର ନେଇ ସାରିଥିବା ବ୍ରିଗେଡିୟର ରାଜା ରଜ୍ୱାନଙ୍କୁ ମୃତ୍ୟୁଦଣ୍ଡ ମିଳିଛି। ରାଜା ରଜ୍ୱାନଙ୍କ ସହ ଜଣେ କାର୍ଯ୍ୟରତ ସେନା ଡାକ୍ତରଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ମିଳିଥିବା ଜଣାପଡିଛି। ତେବେ ଏହି ଘଟଣା କେବେ ଏବଂ କେମିତି ସାମ୍ନାକୁ ଆସିଥିଲା, ଅବସର ନେବା ପୂର୍ବରୁ ଦୁହିଁଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା କି ନାହିଁ, ସେ ନେଇ ପାକିସ୍ତାନ ସେନା ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

## ଡାହୁକ



ଅସହ୍ୟ ଗରବ ହେଉନାହିଁ ସହି
ଦେହମୁହଁ ଜଳିଯାଉଚି
ସେଇଥିରେ ପୁଣି ଘଣ୍ଟା ଘଣ୍ଟା ଧରି
ଲାଇନି କଟ ହେଉଚି
ଜୀବନ ଆଉଚି ଯାଉଚି
କହିଲେ କି ଲାଭ ଗାଲୁଆ ସର୍କାର
ଗାଲୁ ପେଲିପେଲି ରହୁଚି।
-ବିଧୂ



# ବାରିପଦା ସହରକୁ ପଲିଥିନ୍ ମୁକ୍ତ କରିବା ପାଇଁ ସଚେତନତା ଅଭିଯାନ

**ବାରିପଦା,୩୧।୫(ନି.ପ୍ର):** ବାରିପଦା ସହରକୁ ପଲିଥିନ୍ ମୁକ୍ତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ତଥା ବାରିପଦା ପୌରପରିଷଦର ପ୍ରଶାସକ ଆବୋଲି ସୁନିଲ୍ ନରୱାଣେ, ଭା.ପ୍ର.ସେ ଙ୍କ ଅଧକ୍ଷତାରେ ଏକ ବୈଠକ ତା.୩୦.୦୫.୨୦୧୯ ରିଖ ଅପରାହ୍ନ ୫ ଘଟିକା ସମୟରେ ସ୍ଥାନୀୟ ପୌରପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ଶ୍ରୀ ସରୋଜ କୁମାର ଦାଶ, ପୌରଯନ୍ତ୍ରୀ ଶ୍ରୀ ପ୍ରଦୀପ୍ତ କୁମାର ଦାଶ, ସଂପୃକ୍ତ ବିଭାଗ ଅଧିକାରୀ ଏବଂ ବାରିପଦା ସହରର ସମସ୍ତ ପ୍ଲାଷ୍ଟିକ/ପଲିଥିନ ବ୍ୟବସାୟୀ ପ୍ରତିଷ୍ଠାନର କର୍ମକର୍ତା ଏବଂ ସ୍ୱେଚ୍ଛାସେବୀ ସଂଗଠନ ମାରୱାଡ଼ି ଯୁବାମଂଚ, ବାରିପଦା ଓ ରୋଟାରୀ କ୍ଲବ୍, ବାରିପଦା ର ସଭାପତି /ସଂପାଦକ ପ୍ରମୁଖ ଯୋଗ ଦେଇ ବାରିପଦା ସହରକୁ ପଲିଥିନ୍ ମୁକ୍ତ ସହରରେ ପରିଗଣିତ କରିବା ପାଇଁ ଜନ ସଚେତନତା କାର୍ଯ୍ୟକ୍ରମ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ।



ଉକ୍ତ ବୈଠକରେ ବିଶେଷକରି ପଲିଥିନ କ୍ରୟ, ବିକ୍ରୟ ଓ ବ୍ୟବହାର ନ କରିବା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିବା ସହ ପ୍ରଶାସନ ଏବଂ ସଂପୃକ୍ତ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ଓ ସର୍ବୋପରି ଜନସାଧାରଣ ଙ୍କ ମିଳିତ ସହଯୋଗରେ ନିରନ୍ତର ଉକ୍ତ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ପରାର୍ମଶ ଦେଇଛନ୍ତ। ଏଥି ପାଇଁ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପଲିଥିନ ମୁକ୍ତ ଉପରେ ଆଲୋଚନା ଓ କର୍ମଶାଳା ଆୟୋଜନ କରାଯିବା ସହିତ ସହରର ଦୋକାନ ବଜାର, ବ୍ୟବସାୟୀକ ପ୍ରତିଷ୍ଠାନ ଏବଂ ବିଭିନ୍ନ ଛକ ଜାଗାରେ ବିଜ୍ଞାପନ (ହୋଡିଙ୍ଗ୍ସ) ଲଗାଯିବା, ୱାଲ୍ ପେଟିଂ, ପ୍ରଚରପତ୍ର ଓ ଗଣ ସଚେତନତା ରାଲି ଆଦି କାର୍ଯ୍ୟକ୍ରମ ମାଧମରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ପାଇଁ ନିଷ୍ପତି ନିଆଯାଇଛି। ଆଗାମୀ ରଥଯାତ୍ରା ପୂର୍ବରୁ ସହରରେ ପଲିଥିନ୍ ବ୍ୟବହାର ନିଷେଧ ଉପରେ ଗୁରୁତ୍ୱଦେଇ ସମସ୍ତ ଦୋକାନ / ବ୍ୟବସାୟୀ ପ୍ରତିଷ୍ଠାନ ସମ୍ମୁଖରେ ପଲିଥିନ୍ ମୁକ୍ତ ଉପରେ ସଚେତନତା ଫଳକ ଲଗାଇ ଗ୍ରାହକ ମାନଙ୍କୁ ସଚେତନ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି।

ଯଦି କୌଣସି ପଲିଥିନ ବ୍ୟବସାୟୀ/ଦୋକାନୀ ପଲିଥିନ ବିକ୍ରୟ କରିବାର ଦୃଷ୍ଟିଗୋଚର ହୁଏ ତେବେ ଆଇନ ଅନୁଯାୟୀ ପ୍ରଥମ ଥର ଖୀଲାପ କଲେ ଟ.୧୦୦୦/-, ଦ୍ୱିତୀୟ ଥର ଖିଲାପ କଲେ - ଟ.୨୦୦୦/- ଟଙ୍କା ଜରିମାନା ଆଦାୟ କରାଯିବ ଓ ତୃତୀୟ ଥର ଖିଲାପ କଲେ ତାଙ୍କ ଟ୍ରେଡ୍ ଲାଇସେନସ୍ ପୌର ପ୍ରଶାସନ ପକ୍ଷରୁ ରଦ୍ଧ କରାଯିବ। ଏହାର ଏକକିତା ନକଲ ଗଣମାଧମର ଜିଲ୍ଲା ପ୍ରତିନିଧି ବାରିପଦାଙ୍କ ସଦୟ ଅବଗତି ତଥାପି ପ୍ରକାଶନ ଓ ପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା। ଏହାର ଏକକିତା ନକଲ କେନ୍ଦ୍ର ନିର୍ଦ୍ଦେଶକ ଆକାଶବାଣୀ ବାରିପଦାଙ୍କ ସଦୟ ଅବଗତି ତଥା ପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା।

# ବିଭିନ୍ନ ଦାବି ନେଇ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ

**ବାଲେଶ୍ୱର,୩୧।୫(ନି.ପ୍ର):** ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍ସ (ସିଆଇଟିୟୁ)ର ପ୍ରତିଷ୍ଠା ଦିବସ ଅବସରରେ ବାଲେଶ୍ୱରରେ ବିଭିନ୍ନ ଦାବି ନେଇ ଶ୍ରମିକସଂଗଠନମାନଙ୍କ ପକ୍ଷରୁ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ଶ୍ରମିକଙ୍କୁ ନେଇ ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପୂର୍ବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ବିକ୍ଷୋଭ ସମାବେଶରେ ସଂଗଠନର ସଭାପତି ଶ୍ରମିକନେତା ରାଧାରମଣ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିବା ସହିତ ସାମ୍ପ୍ରତିକ ସ୍ଥିତିରେ କର୍ମଜୀବୀ ମହିଳା ପୁରୁଷ ତଥା ଶ୍ରମିକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ଶ୍ରମ ଆଇନ୍‌ର ଖୋଲା ଖୋଲି ଉଲ୍ଲଂଘନ ଶ୍ରମିକଙ୍କ ସ୍ୱାଧୀନତା ଏବଂ ସ୍ୱାର୍ଥକୁ ସଂକୁଚିତ କରି ଚାଲିଥିବା ବେଳେ ସରକାର କିମ୍ବା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ। ପ୍ରତିଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ସରକାରଙ୍କ ସ୍ବୀକୃତ ସର୍ବନିମ୍ନ ମଜୁରି ପ୍ରଦାନ କରିବା, ସମସ୍ତଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା, ଅଙ୍ଗନୱାଡ଼ି କର୍ମୀ-ସହାୟିକା ଓ ଆଶା କର୍ମୀମାନଙ୍କ ନ୍ୟାଯ୍ୟପୂର୍ଣ୍ଣ ଦାବି ପୂରଣ କରିବା, ପାଚିକ ଓ ସହାୟିକାଙ୍କ ବକେୟା ଦରମା ତୁରନ୍ତ ପ୍ରଦାନ କରିବା, ରେଳ ଷ୍ଟେସନ ସମ୍ମୁଖରୁ ଉଚ୍ଛେଦ କ୍ଷୁଦ୍ର ବ୍ୟବସାୟୀଙ୍କ ଥଇଥାନ ପାଇଁ ଶ୍ରୀ ଷଡ଼ଙ୍ଗୀ ଦାବି କରିଥିଲେ।




ଏନେଇ ପ୍ରଶାସନ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସିଆଇଟିୟୁ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଥିଲେ। ଶ୍ରମିକ ନେତା ନିକୁଞ୍ଜ ବସନ୍ତ ରାୟ, ମୃତ୍ୟୁଞ୍ଜୟ ରାଉତ, ଅସିତ ବରଣ ଦାସ, ଏମକେଡି ମଜୁମଦାର, ଶ୍ୟାମସୁନ୍ଦର ଜେନା, ସୁଶାନ୍ତ ସାହୁ, ଇଶାଣୀ ଷଡ଼ଙ୍ଗୀ, ସଂଧ୍ୟା ଦାସମଜୁମଦାର, କନକ ଦାସ ପ୍ରମୁଖ ଏଥିରେ ଯୋଗଦେଇ ସରକାରଙ୍କ ଶ୍ରମିକ ମାରଣ ନୀତିକୁ କଡ଼ା ସମାଲୋଚନା କରିଥିଲେ। ମେହେନତି ମଣିଷଙ୍କୁ ହକ୍ ପ୍ରଦାନର ଅବହେଳା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ କହିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# ପାଢ଼ୀ ହେଲଥ୍ କେୟାରର ତିନି ମହଲା ଛାତରୁ ପଡ଼ି ଜଣେ ମୃତ ହତ୍ୟା କରାଯାଇଥିବା ଅଭିଯୋଗ କଲେ ପରିବାର ବର୍ଗ

**ଭଦ୍ରକ,୩୧।୫(ନି.ପ୍ର):** ଭୋରୁ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଗାନ୍ଧିପଡ଼ିଆ ସ୍ଥିତ ପାଢ଼ୀ ହେଲଥ୍ କେୟାରର ତିନି ମହଲାରୁ ଜଣେ ବ୍ୟକ୍ତି ଖସିପଡ଼ି ମୃତ୍ୟୁବରଣ କରିଛି। ମୃତ ଯୁବକର ନାମ ମହେଶ୍ୱର ଦାସ ଏବଂ ତାଙ୍କ ଘର ବାଲେଶ୍ୱରର ଏକାଦୋଳି ଗାଁରେ। ଦୀର୍ଘ ଦେଢ଼ବର୍ଷ ତଳେ ମହେଶ୍ୱର ଉକ୍ତ ହେଲଥ୍ କେୟାରରେ ସୁଇପର ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ କିଛିଦିନ ହେଲା ଉକ୍ତ ଜାଗା ସେ ଛାଡ଼ିଦେଇଥିଲେ। ପୁର୍ନବାର ହେଲଥ୍ କେୟାରର ମ୍ୟାନେଜର୍ ମହେଶ୍ୱରଙ୍କ ଘରକୁ ଯାଇ ତାଙ୍କୁ ବହୁ ବୁଝାସୁଝା କରିବା ପରେ ପାଢ଼ୀ ହେଲଥ୍ କେୟାରକୁ କାର୍ଯ୍ୟ କରିବାପାଇଁ ସେ ଆସିଥିଲେ। କିନ୍ତୁ ଆଜି ଭୋରରୁ ସେ ତିନି ମହଲା ଉପରକୁ ଯାଇଥିଲେ ବୋଲି ଦେଖଣାହାରୀଙ୍କ ସୁତ୍ରରୁ ଜଣାଯାଇଛି। କିଛି ସମୟପରେ ତାଙ୍କ ମୃତଦେହ ତିନି ମହଲାରୁ ଖସି ପଡ଼ିବା ଏବଂ ସେ ମୃତ ବୋଲି ତାଙ୍କ ପରିବାର ଲୋକ ଜାଣିବା ପରେ ଭଦ୍ରକ ଡାକ୍ତରଖାନାରେ ପହଞ୍ଚିଥିଲେ। ପରେ ପରିବାର ଲୋକେ



ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ ଭଦ୍ରକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ରିପୋର୍ଟ ଲେଖାହେବା ବେଳକୁ ପୋଲିସ ଯୁଡି କେଶ ମୂଳେ ମହେଶ୍ୱରଙ୍କ ଶବକୁ ବ୍ୟବଛେଦ କରିଛନ୍ତି ଏବଂ ତଦନ୍ତ ଜାରିରଖିଛି। ତେବେ ରାତି ପର୍ଯ୍ୟନ୍ତ ପରିବାରବର୍ଗଙ୍କ ଏତଲାର କୌଣସି ମାମଲା ହୋଇନଥିବା ଜଣାଯାଇଛି।

# ବଗପାଟିଆରେ ପାଇପ୍ ଫାଟି ଜଳସଂକଟ

**ରାଜନଗର,୩୧।୫(ନି.ପ୍ର):** ବ୍ଲକ ସାତଭାୟା ପଚାଂୟତ ଥଇଥାନସ୍ଥଳୀ ବଗପାଟିଆରେ ପାନୀୟଜଳ ସଙ୍କଟ ଦେଖା ଦେଇଛି । ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ ଦ୍ୱାରା ବିଛା ଯାଇଥିବା ପାଇପ ପ୍ରାୟ ୧୦ରୁ୧୫ଟି ସ୍ଥାନରେ ଫାଟି ପାଣି ବୋହି ଯାଉଛି। ଏହି ଥଇଥାନସ୍ଥଳୀରେ ରାସ୍ତା ନିର୍ମାଣ ଚାଲିଥିବାରୁ ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁଁ ବିଭିନ୍ନ ସ୍ଥାନରେ ପାଇପ ଫାଟି ଯାଇଛି । ପଚାଂୟତରାଜ, ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ କିମ୍ବା ଠିକାସଂସ୍ଥା ପକ୍ଷରୁ କୌଣସି ପ୍ରତିକାରତ୍ମକ ପଦକ୍ଷେପ ଗ୍ରହଣ ନକରିବାରୁ ଉକ୍ଟ ଜଳ ସଙ୍କଟ ଦେଖାଦେଇଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ପାଇପ ମରାମତି କରି ପାନୀୟଜଳ ଯୋଗାଣ ସ୍ୱଭାବିକ କରିବାକୁ ସ୍ଥାନୀୟ ଅଧିକାସୀମାନେ ଦାବୀ କରିଛନ୍ତ ।

# କାମାକ୍ଷାନଗରରେ ୬ଷ୍ଠ ବାର୍ଷିକ ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

**କାମାକ୍ଷାନଗର,୩୧।୫(ନି.ପ୍ର):** ଜିଲ୍ଲା କାମାକ୍ଷାନଗର ରେଙ୍ଗାଳୀ ପଡିଆ ଠାରେ ରେଙ୍ଗାଳୀ ସ୍ପୋର୍ଟସ୍ କ୍ଲବ୍ ତରଫରୁ ୬ଷ୍ଠ ବାର୍ଷିକ ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ପ୍ରେସ୍ କ୍ଲବ୍ ସଭାପତି ହିମାଂଶୁ ଶେଖର ମହାପାତ୍ର ,ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୌମେନ୍ଦ୍ର କୁମାର ସାହୁ ,ବିଦ୍ୟାଧର ବରାଳ,ବିମଳ ବିଶ୍ୱାଳ ,ତରୁଣ କୁମାର ଦାସ ,ସଦାଶିବ ସେଠୀ ,ଦିୱାନୀ କୁମାର ସାହୁ, ପ୍ରକାଶ କୁମାର ପାତ୍ର ,ହୃଦୟ ବଲ୍ଲଭ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି କ୍ରିକେଟ୍ ଟୁର୍ଣ୍ଣାମେଂଟରେ କଟକ,ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ପ୍ରାୟ ୧୬ଗୋଟି ଟିମ୍ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି । ତେବେ ଏହି ଟୁର୍ଣ୍ଣାମେଂଟ୍ ୪ଦିନ ଧରି ଖେଳାଯିବ ବୋଲି କ୍ଲବ୍ ତରଫରୁ ସୂଚନା ମିଳିଛି । ରଙ୍ଗାରଙ୍ଗ ଆଲୋକ ସଜା ସାଙ୍ଗକୁ ମନୋରନ ପାଇଁ ଚିୟର ଗାର୍ଲଙ୍କ ମଜ୍ଜା ଦର୍ଶକ ମାନେ ବେଶ୍ ଉପଭୋଗ କରିବେ ।

# କବି ଡ. ସୁରେନ୍ଦ୍ର ମିଶ୍ରଙ୍କ କବିତା ସଂକଳନ 'ଗନ୍ଧରାଗ' ଉନ୍ମୋଚିତ



**ଭଦ୍ରକ,୩୧।୫(ନି.ପ୍ର):** କବିତା ମନର କଥା କୁହେ, ଆବେଗ ଆଣେ, ସମାଜକୁ ଦିଗ୍‌ଦର୍ଶନ ଦିଏ। ଯେଉଁ କବିତାରେ ସମାଜ ଓ ବ୍ୟକ୍ତି ପାଇଁ କିଛି ବାର୍ତ୍ତା ଥାଏ, ସେହି କବିତା କାଳଜୟୀ ହୁଏ ବୋଲି ଭଦ୍ରକର ଭାଗବତ କଲ୍ୟାଣ ମଣ୍ଡପ ଠାରେ କବି ତଥା ଡାକ୍ତର ସୁରେନ୍ଦ୍ର ମିଶ୍ରଙ୍କ କବିତା ସଂକଳନ 'ଗନ୍ଧରାଗ' ର ଶୁଭ ଉନ୍ମୋଚନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ ସମାରୋହରେ ପ୍ରାଧ୍ୟାପକ ଡ. ଗୋଲକ ବିହାରୀ ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଓ ସମୀକ୍ଷକ ଡ. ବ୍ରଜମୋହନ ମିଶ୍ର, ଉନ୍ମୋଚକ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀଧର ମିଶ୍ର, ସମ୍ମାନିତ ଅତିଥି ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। କବି ଖଗେଶ୍ୱର ଜେନା ମଂଚ ଆହ୍ୱାନ କରିଥିବାବେଳେ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସତ୍ୟଜିତ୍ ମିଶ୍ର ଏବଂ କବି କୃଷ୍ଣଚନ୍ଦ୍ର ଜେନା କବିତା ଆବୃତ୍ତି କରିଥିଲେ। କଳ୍ପନା ମିଶ୍ର, ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର, ସୌମ୍ୟଚିତ୍ ମିଶ୍ର, ନିତ୍ୟାନନ୍ଦ ଦାସ, ସସ୍ମିତ କୁମାର ମିଶ୍ର ପ୍ରମୁଖ ମଂଚ ପରିଚାଳନା କରିଥିବାବେଳେ ଅଧାପିକା ଦେବସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭସ୍ମିତା ମିଶ୍ର, ସ୍ନେହମୟୀ ମିଶ୍ର, କ୍ଷୀରାବ୍ଧି ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ଶ୍ରମ ସଚେତନତା ପକ୍ଷ ପାଳନ ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୩୧।୫(ନି.ପ୍ର):** ଶିଶୁ ଶ୍ରମ ସଚେତନତା ପକ୍ଷ ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମ ନିମନ୍ତେ ସୁଚିନ୍ତିତ ମତାମତ ରଖିବା ପାଇଁ ଅନୁରୋଧ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ କୁବେର ବେହେରା ଆଜେଣ୍ଡା ଅନୁଯାୟୀ ଆଲୋଚନା ପ୍ରସ୍ତୁତ କରିଥିଲେ । ଏହି ପକ୍ଷ ୨୯ ମେ ରୁ ୧୨ଜୁନ ମଧ୍ୟରେ ପାଳନ କରାଯିବ । ଏହି ସମୟ ମଧ୍ୟରେ ଜିଲ୍ଲାରେ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଯୋଗରେ ଆୟୋଜନ କରାଯିବ । ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉଠା ଦୋକାନୀ, କଲ୍ୟାଣ ମଣ୍ଡପ ମାଲିକ, ହୋଟେଲ ଶିଳ୍ପ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନିର୍ବାଚିତ ଜନ ପ୍ରତିନିଧି, ପୋଲିସ ପ୍ରଭୃତିକୁ ନେଇ ଏକ କର୍ମଶାଳାର ଆୟୋଜନ କରାଯିବ । ତା ଛଡା ଶିଶୁ ଶ୍ରମିକ ନିର୍ମୂଳ କରିବା ନିମନ୍ତେ ଧରପଗଡକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଲୋଚନା କରାଯାଇଥିଲା । ସେହିପରି ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବା ଦିଗରେ ମତାମତ ଲୋଡାଯାଇଥିଲା । ଶିଶୁ ଶ୍ରମିକମାନଙ୍କୁ ବିଭିନ୍ନ ବିପଦସଙ୍କୁଳ କାର୍ଯ୍ୟସ୍ଥଳୀରୁ ଉଦ୍ଧାର କରିବା, ଉପଯୁକ୍ତ ଥଇଥାନ, ଶିକ୍ଷା ବ୍ୟବସ୍ଥା, ତାଙ୍କ ପରିବାରର ଆୟ ପନ୍ଥା ନିର୍ଦ୍ଧାରଣ, ସରକାରୀ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ସାମିଲ ପ୍ରଭୃତିକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ଜିଲ୍ଲାରେ ଉଦ୍ଧାର ଶିଶୁ ଶ୍ରମିକଙ୍କୁ ଅସ୍ଥାୟୀ ଭାବେ ରଖିବା ପାଇଁ ଟ୍ରାନଜିଟ୍ ହାଉସର ପ୍ରତିଷ୍ଠା କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ତ୍ରିଲୋଚନ ପ୍ରଧାନ, ଆରକ୍ଷୀ ଉପଅଧୀକ୍ଷକ ଉମେଶ ପଣ୍ଡା, ସଂଗ୍ରାମ କେଶରୀ ପାତ୍ର, ଡିଏସଡବ୍ଲ୍ୟୁଓ ସୁଶ୍ରୀ ରିଜୁଆନା କୱାବ, ଶିଶୁ ଶ୍ରମ ବିରୋଧୀ ଅଭିଯାନ ଓଡିଶା ଶାଖା ସଦସ୍ୟ ଗୋପାଳକୃଷ୍ଣ କର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାସ ନିଆଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଦୁର୍ଘଟଣାରେ ସମବାୟ ସମ୍ପାଦକଙ୍କ ଜୀବନ ଗଲା

**ରାଜନଗର,୩୧।୫(ନି.ପ୍ର):** ବ୍ଲକ ଡାଙ୍ଗମାଳ ସେବା ସମବାୟ ସମିତିର ସମ୍ପାଦକ ଅକ୍ଷୟକୁମାର ବେହେରାଙ୍କର ଦୁର୍ଘଟଣାରେ ପରଲୋକ ହୋଇଯାଇଛି । ମଙ୍ଗଳବାର ଦିନ କେନ୍ଦ୍ରାପଡା ଏଆରସିସି କାର୍ଯ୍ୟାଳୟରୁ କାମସାରି ଫେରୁଥିବା ବେଳେ ଗରାପୁରସ୍ଥିତ ମା ମଙ୍ଗଳା ହୋଟେଲ ସମ୍ମୁଖରେ ତାଙ୍କ ବାଇକ୍ ସହ ଅନ୍ୟଏକ ବାଇକ ଧକ୍କା ହେବାରୁ ସେ ତଳେ ପଡିଯାଇଥିଲେ । ଅକ୍ଷୟଙ୍କ ଅବସ୍ଥା ଗୁରୁତର ଥିବାରୁ ସ୍ଥାନୀୟ ଲୋକେମାନେ କେନ୍ଦ୍ରାପଡା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରିଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଦୁର୍ଘଟଣା ଖବରପାଇ ସମବାୟ ଅଧିକାରୀ ମନୋରଂଜନ ସାହୁ, ରାଜ୍ୟ ସମବାୟ ନେତା ଘନଶ୍ୟାମ ଜେନା, ରାଜନଗର ବ୍ଲକ ସମବାୟ କର୍ମଚାରୀ ସଂଘର ସଭାପତି ନିଳମଣୀ ପ୍ରଧାନ, ଭାଟପଡା ସମବାୟ ସମିତିର ସଭାପତି ଦିଲ୍ଲୀପକୁମାର ପାତ୍ର, ସମ୍ପାଦକ ଗୋବିନ୍ଦ ଜେନା, ଜ୍ଞାନରଂଜନ ନାୟକ ପ୍ରମୁଖଙ୍କ ସହ ବ୍ଲକର ସମସ୍ତ ସମବାୟ ସମ୍ପାଦକଙ୍କ ସମେତ, ଡେରାବିଶ, କେନ୍ଦ୍ରାପଡା ପ୍ରଭୃତି ବ୍ଲକର ସମ୍ପାଦକମାନେ ଡାକ୍ତରଖାନାରେ ପହଂଚି ଥିଲେ । ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ସୂଚନା ଯୋଗ୍ୟ ୩ବର୍ଷ ପୂର୍ବରୁ ତାଙ୍କର ଏକମାତ୍ର ପୁତ୍ର ପାଣିରେ ବୁଡି ମୃତ୍ୟୁବରଣ କରିଥିଲା ।

# ୪ ଠକଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ

**ଭଦ୍ରକ,୩୧।୫(ନି.ପ୍ର):** ଲୋକମାନଙ୍କର ଟଙ୍କାକୁ ଖୁବ୍ ଶୀଘ୍ର ଡବଲ କରିବା ପାଇଁ ପ୍ରତିଶୃତି ଦେଇ ଲକ୍ଷ ଲକ୍ଷ ଟଙ୍କା ଲୁଟିନେଇଥିବା ସଂସ୍ଥା ନାମରେ ଅଭିଯାଗ ଆଣିଛନ୍ତି କ୍ଷତିଗ୍ରସ୍ତ ଜମାକାରୀ। ଯାହାକୁ ନେଇ କ୍ଷତିଗ୍ରସ୍ତ ଜମାକାରୀ ମହିଳାମାନେ ନିଜର ଟଙ୍କା ଫେରସ୍ତ ଓ ଅଭିଯୁକ୍ତକୁ ଗିରଫ ଦାବୀରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ୩ ବର୍ଷ ପୂର୍ବେ ଓକ୍ଟା ମାଇନ୍‌ସ (ବିଟ୍ କଏନ) ନାମକ ଚିଟ୍ ଫଣ୍ଡ କମ୍ପାନୀ ଭଦ୍ରକ ଜିଲ୍ଲାର ମହିଳା ଓ ପୁରୁଷ ମାନଙ୍କଠାରୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ କରିଛନ୍ତି। ମିଛ କଥା କହି ଠକ ସଂସ୍ଥାର ବାବୁମାନେ ଗରିବ ଲୋକଙ୍କ ଟଙ୍କାର ଖୁବ୍ ଶୀଘ୍ର ଡବଲ କରିଦିଆଯିବା ସହ ବିଭିନ୍ନ ଲୋଭନୀୟ ପ୍ରତିଶୃତି ଦେଇ ଲକ୍ଷ ଲକ୍ଷ ଟଙ୍କା ଲୁଟିବା ବେଳେ ଟଙ୍କା ଫେରସ୍ତ ମାଗିବାରୁ ବିଭିନ୍ନ ଧମକ ଚମକ ଦିଆଯାଉଥିବା ଧାରଣା ଦେଇଥିବା ମହିଳା ପ୍ରମିଣା ଜେନା, ମେହେରୁନ୍ ନେସା, ହାସିନା ଖାତୁନ୍ ପ୍ରମୁଖ




ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମାଞ୍ଚଳ ଥାନାରେ କ୍ଷତିଗ୍ରସ୍ତ ଜମାକାରୀ ୧୫ ଦିନ ହେଲା ଏତଲା ଦେଇଥିଲେ ମଧ ଅଭିଯୁକ୍ତକୁ ଗ୍ରାମାଞ୍ଚଳ ପୋଲିସ ଗିରଫ କରୁନଥିଲା। ସେପଟେ ଲୋକଙ୍କୁ ଲୁଟିଥିବା ଲୁଟେରା କିନ୍ତୁ ଖୋଲମଖୋଲା ବାହାରେ ବୁଲୁଥିବା ଘେରାଉ କରିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଏବଂ ନିଜର କଷ୍ଟ ଉପାର୍ଜିତ ଧନ ଫେରସ୍ତ ଦାବୀରେ ଆଜି କ୍ଷତିଗ୍ରସ୍ତ ଜମାକାରୀ ମାନେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଏସପି ଅଫିସ୍ ସମ୍ମୁଖରେ ଦୀର୍ଘ। ଘେରାଉ କରିବା ପରେ ସଂପୃକ୍ତ ମହିଳାମାନଙ୍କ ସହ ଏସପି କଥା କହିଥିଲେ ହୋଇଥିଲେ। ସନ୍ଧ୍ୟାସୁଧା ଉକ୍ତ ଘଟଣାରେ ମାମଲା ରୁଜୁ କରାଯିବା ସହ ସଂପୃକ୍ତ ଠକମାନଙ୍କୁ ଗିରଫ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସନ୍ଧ୍ୟାରେ ଗ୍ରାମାଞ୍ଚଳ ପୋଲିସ ଉକ୍ତ ସଂସ୍ଥାର ଶଶିକାନ୍ତ ପତି, ଓଗାଳପୁର ଗ୍ରାମର ଶକୁନ୍ତଳା ସାହୁ, ବ୍ରଜସୁନ୍ଦର ଦାସ ଓ ପ୍ରତାପ କୁମାର ବେହେରାଙ୍କ ନାମରେ ମାମଲା ରୁଜୁ କରିଛି। ତେବେ ଅଦ୍ୟାବଧି ଗ୍ରାମାଞ୍ଚଳ ପୋଲିସ କାହାକୁ ଗିରଫ କରିନାହିଁ।

# ଜଉକଣ୍ଢେଇ ଶଙ୍କର-ଟୁସୁଙ୍କ ବାହାଘର ସମ୍ପନ୍ନ

**ବାଲେଶ୍ୱର,୩୧।୫(ନି.ପ୍ର):** ଜଉ କଣ୍ଢେଇ ଉତ୍ସବ କମିଟି ପକ୍ଷରୁ ନବମ ବାର୍ଷିକ ଜଉକଣ୍ଢେଇ ( ଶଙ୍କର ଓ ଟୁସୁ)ଙ୍କ ବିବାହ ଆଜି ବିଧି ପୂର୍ବକ ସମ୍ପନ୍ନ ହୋଇଛି। ଗାନ୍ଧିସ୍ମୃତି ଭବନରେ ଆରମ୍ଭ ହୋଇଛି ଜଉକଣ୍ଢେଇ ବାହାଘର ଉତ୍ସବ। ଦ୍ୱିତୀୟ ଦିନରେ ଅନୁଷ୍ଠିତ ହୋଇ ଥିଲା ବିବାହ ଉତ୍ସବ। ଅପରାହ୍ନ ୫ଟାରେ ଦାମୋଦରପୁରସ୍ଥିତ ଶ୍ୟାମ ସୁନ୍ଦର ମନ୍ଦିରରୁ ବରଧରା ଆସି ପହଁଚିଥିଲେ ଗାନ୍ଧିସ୍ମୃତି ଭବନରେ । ବରଧରା କର୍ମକାଣ୍ଡ ପରେ ମହିଳାମାନେ କରିଥିଲେ ଦିଅ ମଙ୍ଗଳନ ବା ଠାକୁରାଣୀ ପୂଜା। ଠାକୁରାଣୀ ପୂଜା ପରେ ବିଭିନ୍ନ ଟ୍ରୁପ୍‌ଙ୍କ ପକ୍ଷରୁ ଆମ୍ଭ ହୋଇଥିଲା ଲୋକନୃତ୍ୟ। ଏଥିରେ ପିତୁଳାନାଚ, ପୁରୀର ସାହି ଜାତ, ନୀଳଗିରିର ଆଦିବାସୀ ନୃତ୍ୟ ,ଗଞ୍ଜାମର ଜୋଡ଼ି ଶଙ୍ଖ, ବାଲେଶ୍ୱର କିନ୍ନର ଦଳ ଓ ଢୋଲିଆ ଦଳ। ଦ୍ୱିତୀୟ ଦିନ ସନ୍ଧ୍ୟା କାର୍ଯ୍ୟ କ୍ରମକୁ ଉଦ୍‌ଘାଟନ କରିଥିଲେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଭଞ୍ଜଦେବ ,ମହାରାଣୀ ରଶ୍ମି ଭାଗ୍ୟଲକ୍ଷ୍ମୀ ଭଞ୍ଜଦେବ। ଅନ୍ୟତମ ଅତିଥି ଭାବରେ ଆୟକର ବିଭାଗର ସହକାରୀ କମିଶନର (ଜି ଏସ୍ ଟି) କୁନାଲ କୁମାର ଉପସ୍ଥିତ ରହି ଲୋକକଳା ଜଉକଣ୍ଢେଇକୁ ଉଦ୍‌ଜୀବିତ କରିବାପାଇଁ ହେଉଥିବା ଏପ୍ରକାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥବାଲେ। କମିଟିର ଉପଦେଷ୍ଟା ଉପଦେଷ୍ଟା ଡ଼. ପ୍ରଦୀପ ଭୌମିକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦକ ଡ଼ା.କୁମାର ଗୋପାଲ ପ୍ରାକ୍ କଥା ରଖିଥିବା ବେଳେ ଉପଦେଷ୍ଟା ମଧୁସୁଦନ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରାତି ପ୍ରାୟ ୮ଟାରେ ବର ଶଙ୍କର ଏକ ବିରାଟ ପଟୁ ଆରରେ ବାହାରିଥିଲା ବାହାହେବା ପାଇଁ। ସାଥିରେ ଥିଲେ ଜିଲ୍ଲାର ଅନେକ ବରିଷ୍ଠ ସାହିତ୍ୟିକ, କଳାକାର, ଚିତ୍ରକର ବୁଦ୍ଧିଜୀବୀ। ୪ଜଣ ବ୍ୟକ୍ତି ପାରଂପାରିକ କାଗଜ ଫୁଲର ଜୋଡ଼ ଧରି ପର ପାଖେ ପାଖେ ଚାଲିଥିଲେ।ଏହି ଦୃଶ୍ୟ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଥିଲା। ଏହି ସମ୍ପର୍କ ଯାତ୍ରା ସହର ପରିକ୍ରମା ସହ କନ୍ୟାଘର ଅଭିମୁଖେ ଯାଉଥିବା ବେଳେ ରାସ୍ତାରେ ବିଭିନ୍ନ ସଂଗଠନ ପକ୍ଷରୁ ବରଯାତ୍ରୀମାନଙ୍କୁ ସେବା ପ୍ରଦାନ କରାଯାଇଥିଲା। ବରକର୍ତା ସୁରଞ୍ଜନ ଦାସ ମହାପାତ୍ର ଧୋତି ପଂଜାବି ପିନ୍ଧି ବିରଦର୍ପରେ ପୁଅ ଶଙ୍କରଙ୍କୁ ନେଇ ଯାଇ କନ୍ୟାଘର ନିକଟରେ ପହଁଚିଥିଲେ। କନ୍ୟାପିତା ରାଜକିଶୋର ରଣା ଓ ମାତା ଶାନ୍ତିଲତା ରଣା ବରଯାତ୍ରୀ ଦଳକୁ ପାଛୋଟି ନେଇଥିଲେ। ପରେ ବୈଦିକ ରୀତିନୀତିରେ ବିବାହ କାର୍ଯ୍ୟ ସଂପର୍ଣ୍ଣ ହୋଇଥିଲା। ବରଘର ତରଫରୁ କନ୍ୟା ଘରକୁ ବିଜ୍ଞାନକୁ ଅଦରନ୍ତୁ ଓ ଅନ୍ଧବଶ୍ୱାସଠାରୁ ଦୂରରେ ରୁହନ୍ତୁ ବୋଲି ଆହ୍ୱାନ ଦେଆ ଯାଇଥିବା ବେଳେ କନ୍ୟାଘର ତରଫରୁ ରକ୍ତ ଦେବୁ ଜୀବନ ବଂଚାଇବୁ" ବୋଲି ଡ଼ିମାଣ୍ଡ କରାଯାଇଥିଲା। ଏହି ବାହାଘରରେ ବାରିକ ସଂଘର ସଭାପତି ଅରବିନ୍ଦ ବାରିକ ଓ ସଂପାଦକ ବମଳ ବାରିକ ଯୋଗ ଦେଇ ସେମାନଙ୍କର କାର୍ଯ୍ୟ ସଂପନ୍ନ କରିଥିଲେ। ରାଜେଶ ଗିରି, ରଘୁନାଥ ଲେଙ୍କା, ନିରଂଜନ ଦାସ,ଏସ୍ କେ ବେହେରା , ଅମିତାଭ ଗିରି, ଇଂ.ହୃଷିକେଶ ସାହୁ, ପରେଶ ଗାୟନ, ରାଜଶ୍ରୀ ସାହୁ, ପ୍ରଶାନ୍ତ ସାହୁ, ଅଜୟ ଆଚାର୍ଯ୍ୟ, ଅରୁଣ କର, ପଦାରବିନ୍ଦ ମହାପାତ୍ର, ହରମହୋନ ଦାଶ, କେଶୁ ଦାସ, ବିଜୟ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ଗାନ୍ଧିସ୍ମୃତି ଭବନ ପରିସରରେ ଆୟୋଜିତ ଜଉ କଣ୍ଢେଇ ମେଳା ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ନବୀନଙ୍କ ନୂଆ ଟିମ୍

ରାଜ୍ୟରେ ପୁଣିଥରେ ବିଜେଡ଼ି କ୍ଷମତାସୀନ ହୋଇଛି । ୨୦୧୯ ସାଧାରଣ ନିର୍ବାଚନରେ ବିଜେଡ଼ି ୧୧୨ ବିଧାନସଭା ଆସନରେ ବିଜୟୀ ହୋଇ କ୍ରମାଗତ ପଞ୍ଚମଥର ଲାଗି ରାଜ୍ୟରେ ସରକାର ଗଠନ କରିଛି । ରାଜ୍ୟର ୨୭ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ନବୀନ ପଟ୍ଟନାୟକ । କ୍ରମାଗତ ଭାବେ ୫ମଥର ପାଇଁ ସେ ଏହି ପଦବୀରେ ଅଧିଷ୍ଠିତ ହୋଇ ଓଡ଼ିଶା ରାଜନୀତିକ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡିଛନ୍ତି । ଲଗାତର ଭାବେ ୫ଥର ମୁଖ୍ୟମନ୍ତ୍ରୀ ହେବାରେ ସେ ହେଉଛନ୍ତି ଓଡ଼ିଶା ରାଜନୀତିର ପ୍ରଥମ ବ୍ୟକ୍ତି । ସେହିପରି ପ୍ରଥମଥର ପାଇଁ ରାଜଭବନ ବାହାରେ ଆୟୋଜିତ ବିଶାଳ ଜନସଭାରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ସେ ଆଉ ଏକ ନୂତନ ଇତିହାସ ମଧ୍ୟ ରଚନା କରିଛନ୍ତି । ଲଗାତର ୫ମଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱଗ୍ରହଣ କରି ସମଗ୍ର ଦେଶରେ ନଜିର ସୃଷ୍ଟି କରିଥିବା ନବୀନ ପଟ୍ଟନାୟକ ମନ୍ତ୍ରିମଣ୍ଡଳ ଗଠନରେ ମଧ୍ୟ ଚମତ୍କାରିତା ଦେଖାଇଛନ୍ତି । ୨୧ଜଣିଆ ନୂତନ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ଛାଡି ୧୧ଜଣ କ୍ୟାବିନେଟ ମନ୍ତ୍ରୀ ରହିଥିବା ବେଳେ ୯ଜଣ ରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ଥାନ ଦିଆଯାଇଛି । ସାମ୍ବିଧାନିକ ବିଧି ଅନୁଯାୟୀ ସମୁଦାୟ ସଭ୍ୟର ୧୫% ସଦସ୍ୟ ମନ୍ତ୍ରୀ ପରିଷଦରେ ରହିବା କଥା । ସେ ହିସାବରେ ୨୨ଜଣ ମନ୍ତ୍ରୀ ସ୍ଥାନ ପାଇବାକୁ ଥିବା ବେଳେ ମୁଖ୍ୟମନ୍ତ୍ରୀ ଗୋଟିଏ ପଦବୀ ଖାଲି ରଖିଛନ୍ତି । ଏହି ପଦବୀ ପରବର୍ତ୍ତୀ ଅବସ୍ଥାରେ ପୂରଣ କରାଯିବ । ପାଟକୁରା ବିଧାନସଭା ଉପନିର୍ବାଚନ ପାଇଁ ହୁଏତ ତାହା ସ୍ଥଗିତ ରହିଛି । ବହୁ ଅଭିଜ୍ଞଙ୍କ ଭିତରେ ଅନେକ ନୂଆଙ୍କୁ ଦାୟିତ୍ୱ ଦେଇ ନବୀନ ନିଜର ପଞ୍ଚମ ପାଳି ଆରମ୍ଭ କରିଛନ୍ତି । ନୂତନ ମନ୍ତ୍ରିମଣ୍ଡଳରେ ୧୦ଜଣ ନୂଆ ମୁହଁ ସ୍ଥାନ ପାଇଛନ୍ତି । ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ନିଯୁକ୍ତି ପାଇଥିବା ୯ଜଣଙ୍କ ମଧ୍ୟରୁ କେବଳ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଛାଡିଦେଲେ ଅନ୍ୟ ସମସ୍ତେ ହେଉଛନ୍ତି ନୂଆ ମୁହଁ । ଏକାଧିକ ବରିଷ୍ଠ ନେତା ନିର୍ବାଚିତ ହୋଇ ବିଧାନସଭାକୁ ଆସିଥିଲେ ମଧ୍ୟ ସେମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ ନକରି ଯୁବପିଢ଼ିଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେଇଛନ୍ତି ନବୀନ । ମନ୍ତ୍ରିମଣ୍ଡଳର ୪୦% ଯୁବ ବର୍ଗ । ଦଳୀୟ ସଂଗଠନ ଓ ରାଜ୍ୟ ଶାସନରେ ଯୁବ ଶକ୍ତିର ଭୂମିକା ଯେ ଅପରିହାର୍ଯ୍ୟ, ଏହା ସନ୍ଦେଶ ଦେଉଛି । ରାଜନୀତି ବିଶାରଦଙ୍କୁ ଚମତ୍କୃତ କରିବା ଭଳି ଅନ୍ୟ ଦଳରୁ ଆସି ନିର୍ବାଚନ ଜିତିଥିବା ତିନି ବିଧାୟକଙ୍କୁ ତତ୍କାଳ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି । ମହିଳା ସଶକ୍ତିକରଣକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ବିଧାୟକଙ୍କ ଦକ୍ଷତାକୁ ଦେଖି ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ ଦିଆଯାଉଛି । ଏଥର ୧୨ ମହିଳା ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ଦୁଇଜଣ ମହିଳା ମନ୍ତ୍ରୀ ହୋଇଛନ୍ତି ଓ ଜଣେ ମୁଖ୍ୟ ସଚେତକ ଭାବେ ଅବସ୍ଥାପିତ ହୋଇଛନ୍ତି । ମନ୍ତ୍ରୀ ପରିଷଦକୁ ୬ଜଣ ପୂର୍ବତନ ମନ୍ତ୍ରୀ ଫେରିଛନ୍ତି । ସୁବର୍ଣ୍ଣପୁର, ଗଞ୍ଜାମ, କଟକ ଓ ପୁରୀ ଜିଲ୍ଲାରୁ ଦୁଇଜଣଙ୍କୁ ମନ୍ତ୍ରୀ କରାଯାଇଛି । ୭ଥର ବିଧାୟକ ନିର୍ବାଚିତ ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ବାଚସ୍ପତି ଆସନ ଦେଇ ଆନୁଗତ୍ୟକୁ ନବୀନ ମୋହର ମାରିଛନ୍ତି । ଚତୁର୍ଥ ପାଳିର ଶେଷ ପର୍ଯ୍ୟାୟରେ ମନ୍ତ୍ରୀ ପରିଷଦର ୮ଜଣ ମନ୍ତ୍ରୀଙ୍କୁ ଏଥର ବାଦ୍ ଦିଆଯାଇଛି । ଦଳର ବହୁ ଆଗଧାଡ଼ିର ନେତା ତଥା ହେଭିୱେଟଙ୍କୁ ଏଥର ସ୍ଥାନ ଦିଆଯାଇ ନାହିଁ । ନାନା ଚର୍ଚ୍ଚା ପରେ ବି ବହୁ ଟାଣୁଆ ନେତାଙ୍କୁ ଶେଷରେ ନିରବ ରହିବାକୁ ପଡିଛି । ନବୀନଙ୍କ ମନ୍ତ୍ରିମଣ୍ଡଳରେ ୧୭ଟି ଜିଲ୍ଲାକୁ ମନ୍ତ୍ରୀପଦ ମିଳିଥିବା ବେଳେ ପ୍ରାୟ ୧୩ଟି ଜିଲ୍ଲାରୁ କେହି ମନ୍ତ୍ରୀ ହୋଇ ନାହାନ୍ତି । ମନ୍ତ୍ରୀପଦରୁ ବଞ୍ଚିତ ୧୩ ଜିଲ୍ଲା ମଧ୍ୟରେ ରହିଛି ସୁନ୍ଦରଗଡ, ସମ୍ବଲପୁର, ଅନୁଗୁଳ, ବୌଦ୍ଧ, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଦେବଗଡ, କନ୍ଧମାଳ, ଗଜପତି, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା । ଏସବୁ ଜିଲ୍ଲା ଭିତରୁ ଯାଜପୁର ଜିଲ୍ଲାକୁ ଯାଇଛି ମୁଖ୍ୟ ସଚେତକ ପଦ । ଏହା ସୂଚୀତ କରୁଛି ଯେ, ଦକ୍ଷତା, ପରିଶ୍ରମ ଓ ଲୋକଙ୍କ କଲ୍ୟାଣ ପାଇଁ ସମର୍ପିତ ହେବା ନିଷ୍ଠା ହିଁ ନବୀନ ପଟ୍ଟନାୟକଙ୍କ ଟିମ୍‌ର ମନ୍ତ୍ରୀପଦ ପାଇଁ ଯୋଗ୍ୟତାର ଏକମାତ୍ର ମାପକାଠି । ତେବେ ସବୁଠୁ ଅଧିକ ଚର୍ଚ୍ଚାରେ ଥିବା କେନ୍ଦ୍ରାପଡ଼ାରୁ କାହାରିକୁ ମନ୍ତ୍ରୀ କରାଯାଇ ନଥିବାରୁ ଏହାକୁ ନେଇ ଏବେ ନାନା କଥା ଆଲୋଚନା ହେଉଛି । ଏହାଛଡା ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା କେତେକ ପୂର୍ବତନ ମନ୍ତ୍ରୀ ସେମାନଙ୍କ ପଦକୁ ନେଇ ଅସୁଖୀ ଅଛନ୍ତି । ଏକ ଦକ୍ଷ, ସ୍ୱଚ୍ଛ ଓ ଉତ୍ତର ଦାୟୀ ସରକାର ଲାଗି ପ୍ରତିଶ୍ରୁତିବଦ୍ଧ । ନବୀନଙ୍କ ପାଇଁ କୌଣସି ପ୍ରତିବନ୍ଧକ ନାହିଁ । ତାହା ନୂଆ ମନ୍ତ୍ରିମଣ୍ଡଳରୁ ସଙ୍କେତ ମିଳୁଛି । ମୋଟାମୋଟି ଭାବେ ବରିଷ୍ଠ-କନିଷ୍ଠ, ଅଭିଜ୍ଞ-ନବାଗତ, ଦକ୍ଷ-ଆନୁଗତ୍ୟକୁ ନେଇ ନବୀନ ଏକ ସମତୁଲ ମନ୍ତ୍ରିପରିଷଦ ଗଠନ ପାଇଁ ଉଦ୍ୟମ କରିଛନ୍ତି । ପଞ୍ଚମ ପାଳିର ମନ୍ତ୍ରିମଣ୍ଡଳ ଗଠନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ବରିଷ୍ଠତା ଓ ଅଭିଜ୍ଞତା ଅପେକ୍ଷା ନିଷ୍ଠା, ସାଧୁତା ଓ ଆନୁଗତ୍ୟକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । କାରଣ ବହୁ ଅଭିଜ୍ଞ ଓ ଅନୁଭବୀ ନେତା ତଥା ବିଗତ ଦିନର ମନ୍ତ୍ରୀଙ୍କୁ ସେ ନୂତନ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇ ନାହାନ୍ତି । ଦକ୍ଷତା, ସ୍ୱଚ୍ଛତା, କର୍ମନିଷ୍ଠତା ଓ ଆନୁଗତ୍ୟ ଆଧାରରେ ଏଥର ମନ୍ତ୍ରିମଣ୍ଡଳକୁ ଅଧିକ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯଥୋପରନାସ୍ତି ଉଦ୍ୟମ କରିଛନ୍ତି । ନବୀନଙ୍କ ଏଭଳି ଚମତ୍କାରୀ ମନ୍ତ୍ରିମଣ୍ଡଳକୁ ନେଇ ଅନ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି । ରାଜ୍ୟ ସରକାରଙ୍କ ସଫଳତାର କାରଣ ଶାସନରେ ୩-'ଟି' ମନ୍ତ୍ର ଯଥା ଟିମ୍ ୱାର୍କ, ଟ୍ରାନ୍ସପରେନ୍ସି, ଟେକନୋଲୋଜି ଓ ଟ୍ରାନ୍ସଫରମେଶନ । ଏହିଭଳି ୪ଟି ପରିମାପକ ରହିଥିବା ବେଳେ ଏଥର ଟାଇମ୍ ଭଳି ଆଉ ଏକ ପରିମାପକ ଯୋଡି ହୋଇଯାଇଛି । ନୂଆ ସରକାରଙ୍କୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଏହି ୫ 'ଟି'କୁ ଗୁରୁତ୍ୱ ଦେବା ଲାଗି ନିଜ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ସୁଦିନ ଅପେକ୍ଷାରେ ସୁଦାନ

**ସୌମେନ୍ଦ୍ର ଜେନା**

ଆଫ୍ରିକାର ତୈଳ ସମୃଦ୍ଧ ରାଷ୍ଟ୍ର ସୁଦାନ ଏବେ ସଙ୍କଟର ସମ୍ମୁଖୀନ । ରାଜନୀତିକ ପରିବର୍ତ୍ତନକୁ ନେଇ ଏବେ ସେଠାରେ ଦେଖାଦେଇଛି ଅସ୍ଥିରତା । ଦୀର୍ଘଦିନ ଧରି ଜନସାଧାରଣଙ୍କ ଆନ୍ଦୋଳନ ଓ ଅସନ୍ତୋଷକୁ କେନ୍ଦ୍ରକରି ଖାର୍ତ୍ତୁମର ପ୍ରଶାସନ ଏବେ ଚିନ୍ତାରେ । ଓମାର ହସନ ଅଲ-ବସୀରଙ୍କର ତିନିଦଶନ୍ଧିର ଶାସନକୁ ହଟାଇ ଏକ ଗଣତାନ୍ତ୍ରିକ ଶାସନ ସେଠାକୁ ଆସୁ ବୋଲି ଅନେକ ଋହୁଁଛନ୍ତି । ତେଣୁ ସେନା ୧୧ଏପ୍ରିଲ ୨୦୧୯ରେ ଜନସାଧାରଣଙ୍କ ଋପକୁ ଲକ୍ଷ୍ୟ କରି ବସୀରଙ୍କ ସରକାରକୁ କ୍ଷମତାଚ୍ୟୁତ କରିଛି । ସେଠାରେ ମୁକ୍ତ ଗଣତନ୍ତ୍ର ପ୍ରତିଷ୍ଠା ଦାବିରେ ଲୋକେ ଆନ୍ଦୋଳନ କରିଆସୁଥିଲେ । ୨୨ ଫେବୃଆରୀ ଦିନ ପରିସ୍ଥିତିକୁ ଭୟକରି ବସୀର ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ । ଦେଶର ଆର୍ଥିକ ଓ ରାଜନୀତିକ ସ୍ଥିତି ଏବେ ଦୁର୍ବଳ ହୋଇପଡିଛି । ୨୦୧୧ରେ ଦକ୍ଷିଣ ସୁଦାନ ଅଲଗା ହେବା ପରଠାରୁ ଦେଶର ଆର୍ଥିକ ମାନ୍ଦାବସ୍ଥା ବଦଳିନାହିଁ । କାରଣ ଦେଶର ବିଭାଜନ ପରେ ସୁଦାନ ୭୫ପ୍ରତିଶତ ତୈଳ ଭଣ୍ଡାର ହରାଇଥିଲା । ଦୁଇଦଶନ୍ଧି ଧରି ଯୁକ୍ତରାଷ୍ଟ୍ର ଆମେରିକା ସୁଦାନ ବିରୋଧରେ ଆର୍ଥିକ କଟକଣା ଲାଗୁକରିଥିବା ହେତୁ ଦେଶର ଋଣ ଭାର ଓ ମୁଦ୍ରାସ୍ଫିତି ଢେର ବଢିଯାଇଛି । ୨୦୧୭ରେ ଆମେରିକା ପକ୍ଷରୁ ଉକ୍ତ କଟକଣା ଉଠାଇ ଦିଆଯାଇଥିଲେ ମଧ୍ୟ ସେପ୍ଟେମ୍ବର ୨୦୧୮ରେ ଦେଶର ମୁଦ୍ରାସ୍ଫିତି ପୃଥିବୀରେ ସବୁଠୁ ଅଧିକ ଅର୍ଥାତ୍ ୭୦ପ୍ରତିଶତ ବଢିଥିଲା । ଆମେରିକାର ସରକାର ସୁଦାନକୁ ଏକ ସନ୍ତ୍ରାସବାଦୀ ପ୍ରୋତ୍ସାହନକାରୀ ରାଷ୍ଟ୍ର ଭାବେ ଘୋଷଣା କରିଥିବା ହେତୁ ଅନେକ ବିଦେଶୀ ପୁଞ୍ଜି ନିବେଶକାରୀ ଏବଂ ବ୍ୟାଙ୍କିଂ ସଂସ୍ଥା ସୁଦାନରେ ନିବେଶ କରିବାକୁ ଋହାନ୍ତି ନାହିଁ ।

ନିକଟରେ ଜାତିସଂଘର ପ୍ରତିନିଧିଦଳଙ୍କ ସହ ଶାନ୍ତିସ୍ଥାପନା ଓ କ୍ଷମତା ହସ୍ତାନ୍ତରଣ ନେଇ ଯେଉଁ ଆଲୋଚନା ଖାର୍ତ୍ତୁମଠାରେ ହୋଇଥିଲା ତାହା ଏତେଟା ସଫଳ ହୋଇପାରିଲା ନାହିଁ । କାରଣ ଶାସନ କ୍ଷମତା ଏବେ ସେନାବାହିନୀ ହାତରେ ଥିଲାବେଳେ କୌଣସି ଏକ ବିରୋଧୀ ଗୋଷ୍ଠୀଙ୍କୁ ହଠାତ୍ ବିଶ୍ୱାସକୁ ନେବାଲାଗି ସେମାନେ ପ୍ରସ୍ତୁତ ନାହାନ୍ତି । ଅପରପକ୍ଷେ ସେନା କ୍ଷମତାଚ୍ୟୁତ ଶାସକ ବସୀରଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ନେଇ ବିରୋଧୀ ଲୋକେ ଅଭିଯୋଗ କରୁଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆରବ ଜଗତରେ ପରିବର୍ତ୍ତନ ଆନ୍ଦୋଳନ ଜାରିଥିବାବେଳେ ୨୦୧୩ରେ ବସୀର ଘୋଷଣା କରିଥିଲେ ଯେ ୨୦୧୫ରେ ସେ ନିଜେ ନିର୍ବାଚନ ଲଢିବେ ନାହିଁ । କିନ୍ତୁ ପରବର୍ତ୍ତୀ ସମୟରେ ପୂର୍ବ ପ୍ରତିଶ୍ରୁତିକୁ ଭୁଲିଯାଇଥିଲେ । ସେଥିଯୋଗୁ ଲୋକଙ୍କ ମନରେ ବିରୋଧଭାବ ଅଧିକ ବଢିଥିଲା । ସୁଦାନ ପେସାଦାର ସଂଘ (ସ୍ପା) ଆନ୍ଦୋଳନ ଚଳାଇ ବସୀରଙ୍କୁ କ୍ଷମତା ଛାଡିଦେବାଲାଗି ଆହ୍ୱାନ ଦେଇଥିବା ବେଳେ ସେମାନଙ୍କୁ ଯୁବକ, ଋଷୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ପ୍ରାଧ୍ୟାପକମାନେ ସମର୍ଥନ ଜଣାଇଥିଲେ । ପରେ ମଧ୍ୟମବର୍ଗର ଲୋକେ ବଜାରରେ ଦରଦାମ ବୃଦ୍ଧି, ଗହମ ଓ ନଗଦ ମୁଦ୍ରାର ଅଭାବ ନେଇ ଜନଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । କିନ୍ତୁ ରାଷ୍ଟ୍ରପତି ବସୀର ଆନ୍ଦୋଳନକାରୀଙ୍କୁ କଠୋର ହସ୍ତରେ ଦମନ କରିବା ପାଇଁ ବେଆଇନ୍ ତୈଳ ବ୍ୟବସାୟ, ବିଦେଶୀ ମୁଦ୍ରା ଓ ସୁନା ରଖିବା ଅଭିଯୋଗ ହେଲେ ଦଶବର୍ଷ ଲାଗି କଠୋର ଜେଲ ଦଣ୍ଡ ବ୍ୟବସ୍ଥା କଲେ । କିନ୍ତୁ ତାଙ୍କର ଏପରି କଠୋରତା ଆନ୍ଦୋଳନକୁ ବନ୍ଦ କରିପାରିଲା ନାହିଁ । ପରେ ବିକ୍ଷୋଭକାରୀଙ୍କ ଉପରକୁ ଗୁଳିଋଳନା ପାଇଁ ସେ ସେନାକୁ ନିର୍ଦ୍ଦେଶ ଦେଲେ । ତା ସତ୍ତ୍ୱେ ଆନ୍ଦୋଳନକାରୀଗଣ ପଛକୁ ହଟିବାର ନାମ ନେଲେ ନାହିଁ । ଫଳରେ ସେନାଗୁଳିରେ ପ୍ରାୟ ୪୦ଜଣ ଯୁବ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହେଲା । ଏଠାରେ କହିରଖିବା ଠିକ୍ ହେବ ଯେ ୨୦୧୧ରେ ବସୀରଙ୍କ ଦମନମୁଖୀ ରକ୍ତାକ୍ତ ଗୃହ ଯୁଦ୍ଧ ଯୋଗୁ ହିଁ ଦକ୍ଷିଣ ସୁଦାନ ରାଷ୍ଟ୍ର ମୂଳସୁଦାନରୁ ଅଲଗା ହୋଇ ଯାଇଥିଲା । ବସୀରଙ୍କ ବିରୋଧରେ ୨୦୦୦ବେଳକୁ ସୁଦାନର ପଶ୍ଚିମ ଓ ଦକ୍ଷିଣରେ ଯେଉଁ ବ୍ୟାପକ ସଂଗ୍ରାମ ହୋଇଥିଲା ତାକୁ ସେ ଦମନକରିବା ଲାଗି ବସୀର ଆରବମୂଳର ଲୋକଙ୍କୁ ନେଇ ଉଗ୍ରବାଦୀ ସଂଗଠନ ଜଞ୍ଜାୱିଦ ଗଠନ କରିଥିଲେ । ଯେଉଁମାନେ କି ଦେଶରେ ହତ୍ୟା, ଗଣଧର୍ଷଣ ଏତେ ବ୍ୟାପକ ମାତ୍ରାରେ ଋଲୁକଲେ ଯେ ଲୋକେ ଭୟରେ ଲୁଚିବାକୁ ବାଧ ହୋଇଥିଲେ । ଅନେକ ଲୋକ ଅନାହାରରେ ମୃତ୍ୟୁବରଣ କରିଥିଲେ । ଆନ୍ତର୍ଜାତିକ ଅଦାଲତ ବସୀରଙ୍କୁ ଦୋଷୀ ସାବ୍ୟସ୍ତ କଲେ । ଦାରଫୁର ସହରର ଗଣହତ୍ୟା ତାଙ୍କ ନିର୍ଦ୍ଦେଶରେ ହୋଇଥିବା ଅଭିଯୋଗ ହୋଇଥିଲା ।

ସୁଦାନ ୧୯୫୬ରେ ସ୍ୱାଧୀନତା ଲାଭକରିବା ପରଠାରୁ ବସୀର ତାଙ୍କ ସରକାରର ସ୍ଥାୟିତ୍ୱ ପାଇଁ ଜାତୀୟ ଗୁଇନ୍ଦା ଓ ସୁରକ୍ଷା ସେବାର ସମର୍ଥନ ନେଇ ଆସିଥିଲେ । ଆନ୍ଦୋଳନକାରୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ସେ ରାପିଡ ସପୋର୍ଟ ଫୋର୍ସ ମଧ୍ୟ ଗଠନ କରିଥିଲେ । ଗତ ଫେବୃଆରୀ ମାସରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରାଯାଇଥିଲେ ମଧ୍ୟ ଆନ୍ଦୋଳନ କମି ନଥିଲା । ବିଶେଷ କରି ଯୁବକମାନେ ଆନ୍ଦୋଳନକୁ ତୀବ୍ର କରିଥିଲେ । ଫଳରେ ଏପ୍ରିଲ ୧୧ରେ ବସୀରଙ୍କୁ କ୍ଷମତାଚ୍ୟୁତ କରି ସେନାବାହିନୀ ଶାସନ ହାତକୁ ନେଇଥିଲେ ।

ବସୀରଙ୍କୁ କ୍ଷମତାଚ୍ୟୁତ କଲାପରେ ତାଙ୍କୁ ଗିରଫ କରାଯାଇ କୋବାର ଜେଲ ମଧ୍ୟରେ ଅଟକ ରଖାଯାଇଛି । ତେବେ ସୁରକ୍ଷାକର୍ମୀମାନେ ତଲାସୀବେଳେ ବସୀରଙ୍କ ଘରୁ ବସ୍ତାରେ ଭର୍ତ୍ତି ହୋଇ ରହିଥିବା ୧୩୦ ମିଲିଅନ ଡଲାର ପାଇଥିବା ବିଷୟ କହୁଥିଲାବେଳେ ସୁଦାନର ଅଦାଲତର ସୂତ୍ରରୁ ଜଣାପଡିଛି ଯେ ବସୀରଙ୍କ ଘରୁ ସୁଟକେଶରେ ଭର୍ତ୍ତିଥିବା ୩ଲକ୍ଷ ୫୧ ହଜାର ଡଲାର ୧୦୫ ମିଲିଅନ ସୁଦାନୀ ପାଉଣ୍ଡ ମିଳିଥିବା ମିଳିଥିଲା । କିନ୍ତୁ ଆନ୍ଦୋଳନକାରୀମାନେ ବସୀରଙ୍କ ଗିରଫକୁ ନେଇ ସନ୍ତୁଷ୍ଟ ନାହାନ୍ତି । ସେମାନଙ୍କ ଦାବି ହେଲା ଦେଶରେ ଗଣତାନ୍ତ୍ରିକ ସରକାରକୁ କ୍ଷମତା ପ୍ରଦାନ କରାଯାଉ । ଦେଶ ଗୁଇନ୍ଦା ଏଜେନ୍ସୀକୁ ଭାଙ୍ଗିଦେବା ହେଉଛି ସେମାନଙ୍କ ଦାବି । ସେନାର କାଉନସିଲ ହାତରେ ସରକାର ସ୍ଥାୟୀ ଭାବେ ରହିପାରିବ ନାହିଁ ବୋଲି ସେମାନେ କହୁଛନ୍ତି । ଏପ୍ରିଲ ୨୪ରେ ସମାଧାନର ସୂତ୍ର ବାହାର କରିବାପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳ ହୋଇ ନଥିଲା । ବିରୋଧୀଦଳର ନେତୃବୃନ୍ଦ ଫ୍ରିଡମ୍ ଏଣ୍ଡ ଚେଞ୍ଜ ଫୋର୍ସେସ ସହ ବୁଝାମଣା କରିବାକୁ ସେନା କର୍ତ୍ତୃପକ୍ଷ ଋହୁଁଥିଲେ ମଧ୍ୟ ଅନ୍ତରୀଣ ବ୍ୟବସ୍ଥା ନେଇ ଆନ୍ଦୋଳନା କାରୀମାନେ ସନ୍ତୁଷ୍ଟ ନାହାନ୍ତି । ସେମାନଙ୍କ ମତ ହେଲା ପୁନର୍ବାର ପୂର୍ବର ସରକାର କିଛିଦିନ ପରେ ଫେରିବାର ସମ୍ଭାବନା ରହିଛି । କାରଣ ବିରୋଧୀଙ୍କ ମଧ୍ୟରେ ଅନେକ ଦଳ ରହିଛନ୍ତି ଯେଉଁମାନେ ଅତୀତରେ ଅଲବସୀରଙ୍କ ସହ ମେଣ୍ଟରେ ରହିଥିଲେ ।

ସୁଦାନ ଯେହେତୁ ଆଫ୍ରିକା ମହାଦେଶର ପ୍ରବେଶ ପଥରେ ରହିଛି ଏବଂ ମଧ୍ୟପ୍ରାଚ୍ୟର ତୈଳ ସମୃଦ୍ଧ ଦେଶଗୁଡିକ ସହ ସଂପର୍କରେ ରହିଛି ତେଣୁ ଏହାର ସମୃଦ୍ଧି ସମ୍ଭାବନା ପ୍ରଚୁର ରହିଛି । ୨୦୧୧ରେ ଦେଶର ତିନିଭାଗ ତୈଳକୂପ ବିଭାଜନ ଯୋଗୁ ଦକ୍ଷିଣ ସୁଦାନ ହାତକୁ ଯିବାପରେ ମଧ୍ୟପ୍ରାଚ୍ୟର ଦେଶଗୁଡିକ ସୁଦାନକୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେଇଥିଲେ । କିନ୍ତୁ ଆନ୍ଦୋଳନ କାଳରେ କାତାର, କେନିଆ, ଦକ୍ଷିଣ ସୁଦାନ, ତୁର୍କୀ ଓ ଇଜିପଟ୍ ପରି ଦେଶ ରାଷ୍ଟ୍ରପତି ଅଲବସୀରଙ୍କୁ ସମର୍ଥନ କରିବା ପରେ ଏବେ ସେହିସବୁ ଦେଶ ଆନ୍ଦୋଳନକାରୀଙ୍କ ପାଇଁ ଶତ୍ରୁରାଷ୍ଟ୍ରରେ ପରିଣତ ହୋଇଛନ୍ତି । ସେମାନେ ଏହିସବୁ ଦେଶକୁ ସୁଦାନ ଲୋକଙ୍କ ସ୍ୱାର୍ଥର ବିରୋଧୀ ଭାବେ ପରିଗଣିତ କରୁଛନ୍ତି । ସୁଦାନରେ ଶାନ୍ତି ସ୍ଥାପନା ଲାଗି ଏକ ମଧ୍ୟବର୍ତ୍ତୀକାଳୀନ ସାମରିକ ପରିଷଦ ଗଠନ କରାଯାଇଛି ଯାହାକି ଭିନ୍ନ ଭିନ୍ନ ପକ୍ଷଙ୍କ ସହ ଆଲୋଚନା କରୁଛି । କ୍ଷମତା ହସ୍ତାନ୍ତରଣ ନେଇ ଯେଉଁ ଯୋଜନା ହେଉଛି ସେଥିରେ ଦୁଇ ତୃତୀୟାଂଶ ସାଂସଦ ରହିବେ ବୋଲି କୁହାଯାଉଛି । କିନ୍ତୁ ନିର୍ବାଚନ ହେବାଯାଏ ଏକ ଅସ୍ଥାୟୀ ସରକାର କାର୍ଯ୍ୟ କରିବେ । ୧୧ଜଣିଆ ସୁପ୍ରିମ କାଉନସିଲ ରହିବ । ଯେଉଁଥିରେ ୮ ବେସାମରିକ ୩ ସାମରିକ ସଦସ୍ୟ ରଖାଯିବାକୁ ଆନ୍ଦୋଳନକାରୀମାନେ କହିଲାବେଳେ ୭ସାମରିକ ଓ ୪ ବେସାମରିକ ସଦସ୍ୟ ରଖିବାକୁ ସେନା ଋହୁଁଛି । ମଧ୍ୟବର୍ତ୍ତୀକାଳୀନ ସରକାର ୨ବର୍ଷ ରହିବାକୁ ସେନା ଋହୁଁଛି । କିନ୍ତୁ ଆନ୍ଦୋଳନକାରୀମାନେ ଅତିକମ୍‌ରେ ୪ବର୍ଷ ଋହୁଁଛନ୍ତି । ସେନା ଏବେ ଯେଉଁ ପରିଷଦ ଗଠନ କରିଛି ତାର କାର୍ଯ୍ୟକାଳ ୩ବର୍ଷ ରଖାଯାଇଛି । ଆଲୋଚନା ଜାରିଥିଲା ବେଳେ ମଧ୍ୟ ଭିନ୍ନ ଭିନ୍ନ ସ୍ଥାନରେ ବିକ୍ଷୋଭ ଜାରି ରହିବା ସହ ସେନାଗୁଳିରେ ଆନ୍ଦୋଳନକାରୀଙ୍କ ମୃତ୍ୟୁ ମଧ୍ୟ ଜାରି ରହିଛି । ଏପରି ଏକ ସଙ୍କଟଜନକ ସ୍ଥିତିରେ ଇଉରୋପିଆନ ଇଉନିଅନ, ଜାତିସଂଘ ଏବଂ ଆଫ୍ରିକା ୟୁନିଅନ ସୁଦାନରେ ସ୍ଥାୟୀ ସମାଧାନ ସପକ୍ଷରେ କାର୍ଯ୍ୟ କରୁଛନ୍ତି । ଋଷିଆ ଓ ଆମେରିକା ପରି ବଡ ଶକ୍ତି ସିଧାସଳଖ ଏହି ସମସ୍ୟାରେ ନଥିଲେ ମଧ୍ୟ ସାଉଦି ଆରବକୁ ଆମେରିକା ସମର୍ଥନ କରୁଛି ।

ଆରବ ଲିଗ୍‌ରେ ଥିବା ସୁଦାନର ସେନା ପଛରେ ସାଉଦିଆରବ, ଏମିରେଟ ଓ କାତାରର ସମର୍ଥନ ରହିଛି । କିନ୍ତୁ ସ୍ଥାନୀୟ ଆନ୍ଦୋଳନକାରୀମାନେ ତାଙ୍କ ଦେଶକୁ ଆରବ ଲିଗ୍‌ରୁ ବାହାର କରିନେବା ସପକ୍ଷରେ ରହିଛନ୍ତି । ସେମାନେ ନିଜକୁ ଅଣଆରବ, ପ୍ରାଚୀନ କୁଶ ସାମ୍ରାଜ୍ୟର କଳା ଲୋକ ବୋଲି ଉଲ୍ଲେଖ କରୁଛନ୍ତି । ଆରବ ଲୋକଙ୍କଠାରୁ ସେମାନେ ଭିନ୍ନ ମୁସଲମାନ ବୋଲି କହୁଛନ୍ତି । ଇତି ମଧ୍ୟରେ ଦେଶାନ୍ତରୀ ଥିବା ଅନ୍ୟ ନେତାମାନଙ୍କ ସହ ମଧ୍ୟ ଆଲୋଚନା କରିବାକୁ ସେନା କାଉନସିଲ ଇଚ୍ଛା କରୁଥିବାରୁ ବ୍ଲୁ ନାଇଲ ଷ୍ଟେଟର ବିଦ୍ରୋହୀ ଏମପିଏଲଏମ-ଏନ୍ ଗୋଷ୍ଠୀର ନେତା ୟାସିର ଅର୍ମାନ ଦେଶକୁ ଫେରିଛନ୍ତି । ତାଙ୍କ ନାମରେ ଗଣହତ୍ୟା ପରି ଅନେକ ଅଭିଯୋଗ ଅଛି ଏବଂ ତାଙ୍କୁ ମୃତ୍ୟୁ ଦଣ୍ଡା ଦେଶ ମଧ୍ୟ ହୋଇପାରେ । ୨୦୧୧ରେ ଦକ୍ଷିଣ ସୁଦାନରେ ହିଂସାକୁ ଉସ୍‌କାଇବା ଅଭିଯୋଗ ତାଙ୍କ ବିରୋଧରେ ହୋଇଥିଲା । ଯେଉଁଥିପାଇଁ ହଜାର ହଜାର ଲୋକଙ୍କୁ ଘରଦ୍ୱାର ଛାଡିବାକୁ ପଡିଥିଲା । ଆନ୍ଦୋଳନକାରୀଙ୍କ ମନରେ ଭୟ ରହିଛି ଯେ ଆରବ ଜଗତରେ ସିରିଆ ଏବଂ ଇଜିପ୍ଟରେ କ୍ଷମତା ପରିବର୍ତ୍ତନ ପାଇଁ ପୂର୍ବରୁ ହୋଇଥିବା ଆନ୍ଦୋଳନକୁ ସେନା ଲୋକ ଯେପରି ବିଫଳ କରିଥିଲେ ସେମିତି ତାଙ୍କ ଦେଶରେ ନହେଉ । ତେବେ ସିରିଆ ଓ ଇଜିପ୍ଟପରି ସୁଦାନ ମାମଲାରେ ମଧ୍ୟ ବିଦେଶୀ ଶକ୍ତିଗୁଡିକର ଖେଳ ଯେ ରହିଛି ତାହା ସ୍ୱୀକାର କରିବାକୁ ପଡିବ । ଦେଶର ରାଜନୈତିକ ଅସ୍ଥିରତା ସୁଦାନା ଆର୍ଥିକ ଅବ୍ୟବସ୍ଥାକୁ ବଢାଇବାର ସଙ୍କଟ ଦେଖାଦେଲାଣି । ଏହି ଅଚଳାବସ୍ଥା ଅଧିକ ଦିନ ଲାଗିରହିଲେ ଦେଶ ଭିତରର ଅନୁଷ୍ଠାନଗୁଡିକ ଦୁର୍ବଳ ହୋଇପଡିବ । ତେଣୁ ଏଠାରେ ଶାସନଗତ ସ୍ଥିରତା, ଲୋକଙ୍କ ବିଶ୍ୱାସକୁ ନେଇ ସରକାର ଗଠନ ସହ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ଆଗେଇ ଆସିବା ଦରକାର ।

*ଏଲ-୨୫୭(ତଳମହଲା)*
*ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ*
*ଭୁବନେଶ୍ୱର-୭୫୧୦୦୩*

# ଫତୁରାନନ୍ଦଙ୍କ ବଦାନ୍ୟତା

**ରଘୁନାଥ ମହାପାତ୍ର**

ଫତୁରାନନ୍ଦ ଅନେକ ଗରିବ କର୍ମଚାରୀ ଓ ଛାତ୍ରଙ୍କୁ ଆର୍ଥିକ ସାହାଯ୍ୟ ଦିଅନ୍ତି ଏକଥା ପ୍ରାୟ ସମସ୍ତେ ଜାଣନ୍ତି ନାହିଁ। ସରକାରୀ କର୍ମଚାରୀଙ୍କୁ ସାହାଯ୍ୟ କରନ୍ତି ଏକଥା ଶୁଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଏକଥା ସତ୍ୟ, ଡଗର ପ୍ରେସରେ ମେସିନ୍‌ମ୍ୟାନ ଭାବେ କାର୍ଯ୍ୟ କରୁଥିବା ଫକୀର ମୁଦୁଲି, ଓଡ଼ିଶା ସରକାରୀ ପ୍ରେସ୍‌ରେ ମଧ୍ୟ ମେସିନ୍ ମ୍ୟାନ ଚାକିରି କରୁଥିଲେ। ଫକୀର ମୁଦୁଲିଙ୍କ ମାଧ୍ୟମରେ ବହୁ ସରକାରୀ ପ୍ରେସ୍‌ର କର୍ମଚାରୀ ଫତୁରାନନ୍ଦଙ୍କ ପାଖକୁ ଆସନ୍ତି। ତାର କାରଣ ହେଲା ଫତୁରାନନ୍ଦ ଓରଫ ଶ୍ରୀରାମଚନ୍ଦ୍ର ମିଶ୍ର ଜଣେ ଏଲ.ଏମ୍.ପି ଡାକ୍ତର। ତାଙ୍କ ଠାରୁ ସାର୍ଟିଫିକେଟ ନେଲେ ଛୁଟି ମଞ୍ଜୁର ହୋଇ ଦରମା ଗଣ୍ଡାକ ମିଳିଯାଏ ସେଥିପାଇଁ ଅନେକ କର୍ମଚାରୀ ସକାଳ ଆଠଟା ନଅଟା ବେଳକୁ ଡଗର ପ୍ରେସ୍‌ରେ ଆସି ପହଞ୍ଚନ୍ତି। ଫତୁରାନନ୍ଦ ସକାଳ ନିତ୍ୟକର୍ମ ସାରି ଟେବୁଲ ଲ୍ୟାମ୍ପଟି ଜଳେଇ ଦେଇ ନିଜସ୍ୱ ଗଳ୍ପ ଲେଖା ଆରମ୍ଭ କରିଦେଇଥାନ୍ତି। ଏଇ ସମୟରେ ମଇଳା ଧୋତି ସାର୍ଟ ପିନ୍ଧିଥିବା, ପେଣ୍ଟ ସାର୍ଟ ପିନ୍ଧିଥିବା ଲୋକସବୁ ଆସି ପହଞ୍ଚି କହନ୍ତି ଆଜ୍ଞା ନମସ୍କାର। ଫତୁରାନନ୍ଦ ତ ଦେଖି ପାରନ୍ତି ନାହିଁ ତେଣୁ ପ୍ରଶ୍ନ କରନ୍ତି କିଏ ? ଆଗନ୍ତୁକ ମୁଣ୍ଡ କୁଣ୍ଡେଇ କୁଣ୍ଡେଇ କହେ ମୁଁ ଆଜ୍ଞା ହରି ରାଉତ।

– ମୋ ପାଖରେ କ'ଣ କାମ ? ଆଜ୍ଞା, ଖଣ୍ଡେ ସାର୍ଟିଫିକେଟ ? ତୁମେ କେଉଁଠି କାମ କର ? ଆଜ୍ଞା ଖପୁରିଆ ଗଭର୍ଣ୍ଣମେଣ୍ଟ ପ୍ରେସ୍‌ରେ। ଫକୀର ତୁମକୁ ଚିହ୍ନିଛି। ହଁ ଆଜ୍ଞା ଚିହ୍ନିଛନ୍ତି। ଫକୀରକୁ ଡାକି ଆଣ। ଛାପା କାର୍ଯ୍ୟ କରୁଥିବା ମେସିନ ମ୍ୟାନ ଫକୀର ବାବୁ ମେସିନ ବନ୍ଦ କରି ଆସି ପାଖରେ ଛିଡ଼ା ହୁଅନ୍ତି, ପଚାରନ୍ତି ମତେ ଡାକୁଥିଲେ ? ହଁ ତୁମକୁ ଡାକୁଥିଲି ଏଇ ହରି ରାଉତକୁ ତୁମେ ଚିହ୍ନିଛତ ? ସେ ପରା ଆଜ୍ଞା ଆମ ମେସିନ ଡିପାର୍ଟମେଣ୍ଟର ଲୋକ। ତାହେଲେ ତାକୁ ସାର୍ଟିଫିକେଟ ଦେଇ ଦେଉଛି। ସେ ଯାହା କହୁଛି ଠିକ୍ କହୁଛିତ ? ହଁ, ହଁ ସେ ଆଜ୍ଞା ଭୁଲ କହିବ ନାହିଁ।

ଆଲମାରି ପଛପାଖରେ ଟଙ୍ଗା ହୋଇଥିବା କନା ବ୍ୟାଗ ଭିତରୁ ବାହାରି ଆସେ ଡାକ୍ତରଙ୍କ ପ୍ୟାଡ। ଡାକ୍ତର ଲେଖି ଦିଅନ୍ତି ଏହି ଲୋକ ଏତେ ତାରିଖରୁ ଏତେ ତାରିଖ ସର୍ଦ୍ଦିକାଶ ଜ୍ୱରରେ ପୀଡ଼ିତ ହୋଇ ମୋ ପାଖରେ ଚିକିତ୍ସା ହେଉଥିଲା। ତଳେ ଗୋଲ ଗୋଲ ଅକ୍ଷରରେ ସ୍ୱାକ୍ଷର ଆର.ସି.ମିଶ୍ର ଆଉ ତା ତଳକୁ ତାରିଖ। ଏହି ସାର୍ଟିଫିକେଟ ଖଣ୍ଡ ଅଫିସରେ ଦାଖଲ କରିଦେଲେ କର୍ମଚାରୀଙ୍କୁ ଛୁଟି ମିଳିଯାଏ ଦରମା ମିଳିଯାଏ। ତେଣୁ ବହୁତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରତିଦିନ ଏହି ସାର୍ଟିଫିକେଟ ନେବା ପାଇଁ ଧାଡ଼ି ଲଗାନ୍ତି। ଏଭଳି ସାର୍ଟିଫିକେଟ ବିନା ଫିସ୍‌ରେ କୌଣସି ଡାକ୍ତର ଦିଅନ୍ତି ନାହିଁ। ଓଡ଼ିଶା ସରକାରୀ ପ୍ରେସ୍‌ର ଅଧିକାଂଶ କର୍ମଚାରୀ ଫତୁରାନନ୍ଦଙ୍କ ପାଖକୁ ଆସନ୍ତି। ତାଙ୍କ ପାଖରେ ଚିହ୍ନା ଅଚିହ୍ନାର ପ୍ରଶ୍ନ ଉଠେନା କେବଳ ଫକୀର ଚିହ୍ନିଥିଲେ ହେଲା। କିଛି ଉଦାର ହୃଦୟ ଡାକ୍ତର ଅଛନ୍ତି ଯେଉଁମାନେ ରୋଗୀକୁ ବିନା ଫିସ୍‌ରେ ଦେଖନ୍ତି ଦରକାର ପଡ଼ିଲେ ଔଷଧ ମଧ୍ୟ ମାଗଣାରେ ଦିଅନ୍ତି। ରାମଚନ୍ଦ୍ର ମିଶ୍ର ଥିଲେ ଜଣେ ସେହିପ୍ରକାର ଡାକ୍ତର ଗରିବ କର୍ମଚାରୀଙ୍କୁ ବିନା ଫିସ୍‌ରେ ସାର୍ଟିଫିକେଟ ଦିଅନ୍ତି। ଯେଉଁ କର୍ମଚାରୀମାନେ ତାଙ୍କ ପାଖକୁ ଆସନ୍ତି ସେମାନେ ପ୍ରାୟ ଜାଣି ନଥାନ୍ତି ଏହି ଗେରୁଆ ବସ୍ତ୍ରଧାରୀ ସନ୍ନ୍ୟାସୀ ଜଣକ ହେଉଛନ୍ତି ଫତୁରାନନ୍ଦ। ତାଙ୍କ ବଦାନ୍ୟତାର ଆଉ ଗୋଟିଏ ଘଟଣା ଏଥିରେ ଉଲ୍ଲେଖ କରିବି ସେତେବେଳେ ମୁଁ ଡଗର ପ୍ରେସ ପରିଚାଳନା ଦାୟିତ୍ୱରେ ଥାଏ। ଦୁର୍ଗାପୂଜା ଆସିଗଲା। ଯାହାସବୁ ଛାପାକାମ ଥିଲା ସରିଗଲା। ରାଉରକେଲାରୁ ଆଠ ଦଶହଜାର ଟଙ୍କା ଆସିବାର ଥିଲା। ସେତକ ମିଳିଥିଲେ ଦୁର୍ଗାପୂଜାରେ କର୍ମଚାରୀ ମାନଙ୍କୁ ଦରମା ଦିଆଯାଇଥାନ୍ତା। କିନ୍ତୁ ଟଙ୍କାଟା ଠିକ୍ ସମୟରେ ପହଞ୍ଚିଲା ନାହିଁ। ଏଣେ କର୍ମଚାରୀମାନେ ସଂଧ୍ୟା ସକାଳେ ଆସି ଚେତେଇ ଦେଉଥାନ୍ତି ଆଜ୍ଞା ଅକ୍ଟୋବର ୪ ତାରିଖରେ ଷଷ୍ଠୀ ପଡ଼ିବ ତା ପୂର୍ବରୁ ପଇସାଟା ମିଳିଲେ ଘରକୁ ଯାଆନ୍ତୁ। ପୂଜା ସମୟରେ ସମସ୍ତଙ୍କର ପଇସା ଦରକାର କାହାକୁ ମନା କରିହେବ ନାହିଁ। ଫତୁରାନନ୍ଦ ଯେଉଁଠି ଯାହାକୁ ପଇସା ମାଗୁଥାଆନ୍ତି କେହି ଧରାଛୁଆଁ ଦେଉନଥାନ୍ତି। କ'ଣ କରିବେ କ'ଣ କରିବେ ବୋଲି ବିବ୍ରତ ହେଉଥାନ୍ତି। ଦୁର୍ଗାପୂଜାର ଷଷ୍ଠୀ ହେବାକୁ ଆଉ ଦୁଇ ଦିନ ବାକିଥାଏ ସକାଳ ଆଠଟା ବେଳେ ନିତ୍ୟକର୍ମ ସାରି ମତେ କହିଲେ ଗୋଟିଏ ରିକ୍‌ସା ଡାକ। ସେତେବେଳେ ରାସ୍ତାଘାଟରେ ଶହ ଶହ ରିକ୍‌ସା। ମୁଁ ଗୋଟିଏ ରିକ୍‌ସାକୁ ପ୍ରେସ୍ ଦୁଆର ମୁହଁରେ ଅଟକାଇଲି। ସେ ଗେରୁଆ ଚାଦର ଖଣ୍ଡ କାନ୍ଧରେ ପକେଇ ଦେଇ ଆସି ରିକ୍‌ସାରେ ବସିଲେ ମୁଁ ତାଙ୍କର ସାହାଯ୍ୟକାରୀ ଭାବେ ତାଙ୍କ ପାଖରେ ବସିଲି। ରିକ୍‌ସାବାଲାକୁ ନିର୍ଦ୍ଦେଶ ଦେଲେ ବଙ୍ଗାଳି ସାହି ନେଇ ଯିବାକୁ। ବଙ୍ଗାଳି ସାହିର ମାଧବାନନ୍ଦ ଦାସ ଓକିଲଙ୍କୁ ଘର ସାମ୍ନା ଦେଇ ରିକ୍‌ସାଟି ଯାଇ ପହଞ୍ଚିଲା ଗୋଟିଏ ଦୋତାଲା କୋଠା ସାମ୍ନାରେ। ଆମେ ସେଠାରୁ ଓହ୍ଲାଇ ରିକ୍‌ସାବାଲାକୁ ବିଦା କରିଦେଲୁ। ଦାଣ୍ଡ ବାରଣ୍ଡାରେ ପଡ଼ିଥିବା ଲମ୍ବା ବେଞ୍ଚ ଉପରେ ବସିଲୁ। ଘର ଭିତରକୁ ଗୃହ ମାଲିକଙ୍କ ପାଖକୁ ଖବର ଗଲା, କେହି ଦୁଇଜଣ ଆଗନ୍ତୁକ ସାକ୍ଷାତ ପାଇ ଆସିଛନ୍ତି। ପାଞ୍ଚ ଦଶମିନିଟ ପରେ ଜଣେ ଗୌରବର୍ଣ୍ଣ ବିପୁଳ ବପୁବନ୍ତ ପୁରୁଷ ମଠା ଧୋତି ପିନ୍ଧି ଖୋଲା ଦେହରେ ଆସି ଆମ ପାଖରେ ଆସି ଛିଡ଼ା ହେଲେ। କପାଳ ଚନ୍ଦନ ଚର୍ଚ୍ଚିତ, ବକ୍ଷ ଦେଶରେ ଚକ ଚକ କରୁଛି ଧଳା ଯଜ୍ଞପବିତ। ମୁଁ ଆଶ୍ଚର୍ଯ୍ୟ ହେଲା ପରି ତାଙ୍କ ମୁହଁକୁ ଚାହିଁଲି। ସେ କିନ୍ତୁ ଗେରୁଆ ବସ୍ତ୍ରଧାରୀଙ୍କ ଆଡ଼କୁ ଚାହିଁ ପ୍ରଶ୍ନ କଲେ କିରେ ରାମ ତୁ କୁଆଡ଼େ ? ଆପଣଙ୍କ ପାଖରେ ଟିକିଏ କାମ ଥିଲା। ହଉ ଭିତରକୁ ଆ, ଏଠି କାହିଁକି ବସିଛୁ ?

ଫତୁରାନନ୍ଦ ତାଙ୍କ ପଛେ ପଛେ ଘର ଭିତରକୁ ଗଲେ। ମୁଁ ସେମିତି ବାହାରେ ବସିଥାଏ, ଅଧଘଣ୍ଟାକ ପରେ ରିକ୍‌ସା ଡାକ ପ୍ରେସକୁ ଯିବା। ମୁଁ ପୁଣି ବଙ୍ଗାଳି ସାହି ମୁଖ୍ୟ ରାସ୍ତା ଉପରକୁ ଯାଇ ରିକ୍‌ସା ଡାକି ଆଣିଲି। ଦୁହେଁ ସାଙ୍ଗ ହୋଇ ଫେରିଲୁ। ମୁଁ ପଚାରିଲି ସେ ଭଦ୍ରଲୋକ କିଏ କି ? ସେ ଉତ୍ତର ଦେଲେ ମୋର ମାମୁ ହେବେ। ମାମୁଁ ହେଲେ କ'ଣ ହେବ ବିନା ସୁନା ବନ୍ଧକରେ ସେ କାହାକୁ ଗୋଟିଏ ପଇସା କରଜ ଦିଅନ୍ତି ନାହିଁ। ଆଜି ମୋର ଯୋଗଟା ଭଲ ଥିଲା ଚାରି ହଜାର ଟଙ୍କା ବିନା ବନ୍ଧକରେ ଦେଇଦେଲେ। ମୁଁ କହିଲି କେମିତି ? କହିଲେ ସୁନା ଗହଣା ସିନା ବନ୍ଧକ ନେଲେ ନାହିଁ ମୋ ପାଖରୁ ଆଠ ହଜାର ଟଙ୍କାର ହ୍ୟାଣ୍ଡ ନୋଟ କରେଇ ନେଲେ। ମୁଁ ପ୍ରଶ୍ନ କଲି ଆପଣ ଆଣିଲେ ଚାରି ହଜାର ହ୍ୟାଣ୍ଡ ନୋଟ କାହିଁକି ଆଠ ହଜାରର ଦେଲେ। ସେ କହିଲେ କରଜର ନିୟମ ସେଇଆ। ଯିଏ ଯେତିକି ଟଙ୍କା କରଜ ନେବ ତାର ଡବଲ ଟଙ୍କାର ହ୍ୟାଣ୍ଡ ନୋଟ ଦେବ। ମୁଁ ପ୍ରଶ୍ନ କଲି ସେ ପରା ଆପଣଙ୍କର ମାମୁଁ ? ଆରେ ମାମୁଁ ହେଲେ କ'ଣ ହେବ। ଟଙ୍କା ସୁଧ କାରବାରରେ ମାମୁଁ କିଏ ଭଣଜା କିଏ ? ସେଇ କରଜ ଟଙ୍କାରେ ପ୍ରେସ୍ କର୍ମଚାରୀ ମାନଙ୍କର ଦରମା ପରିଶୋଧ କରାଗଲା। କର୍ମଚାରୀମାନେ ଖୁସି ହୋଇ ନିଜ ନିଜ ଘରକୁ ଗଲେ। ଯାହାର କିଛି ପ୍ରାପ୍ୟ ନଥିଲା ତାକୁ ମଧ୍ୟ କିଛି ଅଗ୍ରୀମ ଦେଲେ। ଡଗର ପ୍ରେସ୍‌ଟି ବଡ଼ ଦୈନ୍ୟ ଅବସ୍ଥାରେ ଚାଲୁଥିଲା। ପ୍ରେସ ଲାଭରେ ଡଗର ପତ୍ରିକା ବାହାରିବା କଥା। ମାସକୁ ମାସ କର୍ମଚାରୀଙ୍କ ପ୍ରାପ୍ୟ ଦେଇ ହୁଏ ନାହିଁ ସେଥିରେ ଲାଭ ଆସିବ କୁଆଡୁ ? ଡଗର ବାହାରିବ କେମିତି ଥରେ ବାହାରିଲେ ତିନି ଚାରି ହଜାର ଖର୍ଚ୍ଚ। ସେତକ ଯୋଗାଡ଼ କରିବା ସମ୍ଭବ ହୁଏ ନାହିଁ। ଡଗର ପ୍ରତିମାସରେ ନ ବାହାରି ଦୁଇମାସ ତିନି ମାସରେ ଥରେ ବାହାରେ। ନିତ୍ୟାନନ୍ଦ ମହାପାତ୍ର ସେତେବେଳେ ଯୋଗାଣ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଥାଆନ୍ତି। ଫତୁରାନନ୍ଦ ଆଶା କରନ୍ତି ନିତ୍ୟାନନ୍ଦବାବୁ କହିଦେଲେ ଆମକୁ ବିଜ୍ଞାପନ ମିଳିଯିବ। କିନ୍ତୁ ନିତ୍ୟାନନ୍ଦବାବୁ ଏତେ ନିଷ୍ପାପର ଲୋକ ଯେ ସେ ଡଗର ପାଇଁ ସରକାରୀ ସ୍ତରରେ କହନ୍ତି ନାହିଁ କି ବେସରକାରୀ ସ୍ତରରେ ମଧ୍ୟ କାହାକୁ ଅନୁରୋଧ କରନ୍ତି ନାହିଁ। ଡଗର ଯେଉଁ ଢ଼ୋକେ ପିଇ ଦଣ୍ଡେ ଜିଇ ନୀତିରେ ଚାଲିଥିଲା ସେହିପରି ଚାଲିଥିଲା। ଫତୁରାନନ୍ଦଙ୍କ ପଛେ ପଛେ ଦୁର୍ଭାଗ୍ୟ ଲାଗି ରହିଥିଲା। କେତେବେଳେ ସେ ଆର୍ଥିକ ଦିଗରୁ ସ୍ୱଚ୍ଛଳ ହୋଇପାରୁ ନଥିଲେ। ନିଜେ ନଖାଇ ଅନ୍ୟକୁ ଦାନ କରିବା ତାଙ୍କର ଏକ ମହତ ଗୁଣ ଥିଲା।

*ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା,*
*କଟକ-୯*



### ଗଞ୍ଜାମ ଜିଲ୍ଲା ଶିକ୍ଷା ବିଭାଗର ସମୀକ୍ଷା ବୈଠକ

# କମ୍ ଉପସ୍ଥାନ ପାଇଁ ବନ୍ଦ ହେବ ୪୭ ସରକାରୀ ସ୍କୁଲ

**ଛତ୍ରପୁର,୩୧/୫(ନି.ପ୍ର):** ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଗଂଜାମ ଜିଲା ଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଶିକ୍ଷା ପରି ଏକ ସମ୍ବେଦନଶୀଳ ବିଷୟ ଉପରେ କୋହଳନୀତି ଅବଲମ୍ବନ କରାଯିବ ନାହିଁ । ସମସ୍ତ କର୍ମଚାରୀ ଦକ୍ଷତାର ସହିତ କାର୍ଯ୍ୟ କରିବେ । ଅପାରଗ କର୍ମଚାରୀଙ୍କୁ ଅନ୍ୟତ୍ର ପଠାଇ ଦିଆଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରି ଏହି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ବୈଠକରୁ ଆହୁରି ଜଣାଯାଇଛି ଯେ କ୍ଷେତ୍ର କର୍ମଚାରୀମାନଙ୍କୁ ଅଧିକ କ୍ରିୟାଶୀଳ ହେବା ପାଇଁ ଜିଲାପାଳ କହିଛନ୍ତି । ବିଦ୍ୟାଳୟରେ



ଛାତ୍ରୀଛାତ୍ରମାନଙ୍କୁ ନିରାପତା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ । ଶୁଦ୍ଧ ପାନୀୟଜଳ, ଛାତ୍ରୀଛାତ୍ର ମାନଙ୍କ ପାଇଁ ଅଲଗା ଶୌଚାଳୟ ଏବଂ ବିଦ୍ୟୁତ ସଂଯୋଗ ପ୍ରତି ଅଧିକ ଧ୍ୟାନ ଦିଆଯିବ । ସିଆରସିସି ମାନଙ୍କୁ ୧୫ ଗୋଟି ବିଦ୍ୟାଳୟର ଦାୟିତ୍ୱ ଦିଆଯାଇଥିବାରୁ ସେମାନେ ନିୟମିତ ଏହାକୁ ପରିଦର୍ଶନ କରିବେ ଓ ପରିଦର୍ଶକ ପୁସ୍ତିକାରେ ଦସ୍ତଖତ କରିବେ । ସେମାନଙ୍କ ତଥ୍ୟ ବ୍ଲକ ଶିକ୍ଷାଅଧିକାରୀଙ୍କ ନିକଟରେ ଅବିଳମ୍ବେ ପହଂଚିବ । ବ୍ଲକ ଶିକ୍ଷା ଅଧିକାରୀ ସମ୍ପୃକ୍ତ ବିଦ୍ୟାଳୟ ପାଇଁ ଉତରଦାୟୀ ରହିବେ । ସ୍କୁଲ ପରିଚାଳନା କମିଟିର ଅବଧି ୩ ବର୍ଷ ହେଉଥିବାରୁ ଅବଧି ଶେଷ ହେବା ପୂର୍ବରୁ ନୂତନ ପରିଚାଳନା କମିଟି ଗଠନ ହେବ ଏବଂ ଶେଷ ଦିବସରେ ଦାୟିତ୍ୱ ହସ୍ତାନ୍ତର ହେବ । ବିଦ୍ୟାଳୟ ଭିତିଭୂମି ବାବଦ ଅସୁବିଧା ତୁରନ୍ତ ଜିଲାପାଳ କିମ୍ବା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଅବଗତ କରିବା ପାଇଁ କୁହାଯାଇଛି । ମୋ ସ୍କୁଲ ଯୋଜନାରେ ସ୍ଥାନୀୟ ଲୋକେ ପ୍ରଦାନ କରିଥିବା ଅର୍ଥ ସେମାନଙ୍କର ସହମତିରେ ବିଦ୍ୟାଳୟ ପାଇଁ ଖର୍ଚ୍ଚ କରାଯିବ । ବିଦ୍ୟାଳୟ ଉପସ୍ଥାନ ୧୦ ଜଣ ତଳକୁ ଆସିଲେ ତାହା ବନ୍ଦ କରାଯିବ । ଗଂଜାମରେ ୪୭ ଗୋଟି ଏପରି ବିଦ୍ୟାଳୟ ଚିହ୍ନଟ ହୋଇଥିବାରୁ ତାହାକୁ ତୁରନ୍ତ ବନ୍ଦ କରି ରାଜ୍ୟ ସ୍ତରକୁ ଜଣାଇବା ପାଇଁ ଜିଲାପାଳ କହିଛନ୍ତି । ପ୍ରତ୍ୟେକ ବିଦ୍ୟାଳୟର ପ୍ରାଥମିକ ଚିକିତ୍ସା ବାବଦ ତାଲିମ ସ୍ଥାନୀୟ ଡାକ୍ତରଖାନାରେ ଡାକ୍ତରମାନେ ସମ୍ପୃକ୍ତ ଶିକ୍ଷକ ମାନଙ୍କୁ ପ୍ରଦାନ କରିବେ । ଏହି ବୈଠକରେ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ବିନୀତା ସେନାପତି , ଜିଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ତପନ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ ।

## ଜନୈକ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ



**ଛତ୍ରପୁର,୩୧।୫(ନି.ପ୍ର):** ଚମାଖଣ୍ଡି ଥାନା ଅଧିନ ସିନ୍ଧରାପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ସନ୍ଦେହ ଜଣକ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ୍ୟୁକ ଜଣକ ସିନ୍ଧରାପଲ୍ଲୀ ଗ୍ରାମର ମଙ୍ଗଳା ପ୍ରଧାନ । ପ୍ରାପ୍ତସୁଚନା ମୁତାବକ ମଙ୍ଗଳା ଓ ଅନ୍ୟଜଣେ ମିଶି ଗ୍ରାମ ନିକଟରେ ଥିବା ଏକ ତୋଟାରେ କାମକରୁଥିଲେ । ମଙ୍ଗଳାଙ୍କ ମୁଣ୍ଡ ବୁଲେଇବାରୁ ସେ କାମ ନକରି ସେଠାରେ ବସିଥିଲେ । ତାର କିଛି ସମୟ ମଙ୍ଗଳା ଅଚେତ ହୋଇ ତଳେ ପଡିଯାଇଥିଲେ । ସେଠାରୁ ତାଙ୍କୁ ଅଟୋ ଯୋଗେ ଛତ୍ରପୁର ମେଡିକାଲକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଘଟଣାର ଖବର ପାଇଁ ଚମାଖଣ୍ଡି ପୁଲିସ ପହଂଚି ଶବ କୁ ଜବତ କରିଛି । ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ଅନ୍ୟ ପକ୍ଷରେ ପରିବାର ଲୋକ ଏହା ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ।

## ହାତୀ ଆକ୍ରମଣରେ ଢେଙ୍କାନାଳରୁ ଜଣେ ଆହତ

**ଢେଙ୍କାନାଳ,୩୧।୫(ନି.ପ୍ର):** ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ରେଞ୍ଜ ଅଂଚଳରେ ହାତୀ ଆକ୍ରମଣ ଜନିତ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପୁଣି ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ବନଖଣ୍ଡର କାମାକ୍ଷାନଗର ପଶ୍ଚିମାଂଚଳ ରେଞ୍ଜ ଅଧିନ ବିଜାଡିହି ଗ୍ରାମର ଜଣେ ବୃଦ୍ଧ ଲକ୍ଷ୍ମୀଧର ପାତ୍ର (୬୦) ଆଜି ସକାଳେ ଶୌଚ ହେବାପାଇଁ ଗ୍ରାମ ନିକଟ ବୁଦାମୂଳକୁ ଯାଇଥିଲେ । ସେତିକି ବେଳେ ଏକ ଗୋଠଛଡା ଦନ୍ତାହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେବାରୁ ଅଣ୍ଟାରେ ଶକ୍ତ ଆଘାତ ଲାଗିବା ସହିତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟିହୋଇ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ପରିବାର ସଦସ୍ୟ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ବନ ବିଭାଗ ପକ୍ଷରୁ ଚିକିତ୍ସା ସହାୟତା ନ ମିଳିବା ଯୋଗୁଁ ପରିବାର ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଶିଶୁ ଶ୍ରମ ସଚେତନତା ପକ୍ଷ ପାଳନ ସକାଶେ ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୩୧/୫(ନି.ପ୍ର):** ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଶିଶୁ ଶ୍ରମ ସଚେତନତା ପକ୍ଷ ପାଳନ ସକାଶେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମ ନିମନ୍ତେ ସୁଚିନ୍ତିତ ମତାମତ ରଖିବା ପାଇଁ ଅନୁରୋଧ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ କୁବେର ବେହେରା ଆଜେଣ୍ଡା ଅନୁଯାୟୀ ଆଲୋଚନା ପ୍ରସ୍ତୁତ କରିଥିଲେ । ଏହି ପକ୍ଷ ୨୯ ମେ ରୁ ୧୨ଜୁନ ମଧ୍ୟରେ ପାଳନ କରାଯିବ । ଏହି ସମୟ ମଧ୍ୟରେ ଜିଲ୍ଲାରେ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଯୋଗରେ ଆୟୋଜନ କରାଯିବ । ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉଠା ଦୋକାନୀ, କଲ୍ୟାଣ ମଣ୍ଡପ ମାଲିକ, ହୋଟେଲ ଶିଳ୍ପ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନିର୍ବାଚିତ ଜନ ପ୍ରତିନିଧି, ପୋଲିସ ପ୍ରଭୃତିକୁ ନେଇ ଏକ କର୍ମଶାଳାର ଆୟୋଜନ କରାଯିବ । ତା ଛଡା ଶିଶୁ ଶ୍ରମିକ ନିର୍ମୂଳ କରିବା ନିମନ୍ତେ ଧରପଗଡକୁ ଅଧିକ ସୁଦୃଢ କରିବା ଦିଗରେ ଆଲୋଚନା କରାଯାଇଥିଲା । ସେହିପରି ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବା ଦିଗରେ ମତାମତ ଲୋଡାଯାଇଥିଲା । ଶିଶୁ ଶ୍ରମିକମାନଙ୍କୁ ବିଭିନ୍ନ ବିପଦସଙ୍କୁଳ କାର୍ଯ୍ୟସ୍ଥଳୀରୁ ଉଦ୍ଧାର କରିବା, ଉପଯୁକ୍ତ ଥଇଥାନ, ଶିକ୍ଷା ବ୍ୟବସ୍ଥା, ତାଙ୍କ ପରିବାରର ଆୟ ପନ୍ଥା ନିର୍ଦ୍ଧାରଣ, ସରକାରୀ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ସାମିଲ ପ୍ରଭୃତିକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ଜିଲ୍ଲାରେ ଉଦ୍ଧାର ଶିଶୁ ଶ୍ରମିକଙ୍କୁ ଅସ୍ଥାୟୀ ଭାବେ ରଖିବା ପାଇଁ ଟ୍ରାନଜିଟ୍ ହାଉସର ପ୍ରତିଷ୍ଠା କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡିଡିଆରଡିଏ ଶ୍ରୀ ତ୍ରିଲୋଚନ ପ୍ରଧାନ, ଆରକ୍ଷୀ ଉପଅଧୀକ୍ଷକ ଶ୍ରୀ ଉମେଶ ପଣ୍ଡା, ଶ୍ରୀ ସଂଗ୍ରାମ କେଶରୀ ପାତ୍ର, ଡିଏସଡବ୍ଲ୍ୟୁଓ ସୁଶ୍ରୀ ରିଜୁଆନା କଓ୍ୱାବ, ଶିଶୁ ଶ୍ରମ ବିରୋଧୀ ଅଭିଯାନ, ଓଡିଶା ଶାଖା ସଦସ୍ୟ ଶ୍ରୀ ଗୋପାଳକୃଷ୍ଣ କର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ ତଥା ବିଭାଗୀୟ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

## ୫ବସ୍ତା କୋଇଲା ସହ ୨ ବାଇକ୍ ଜବତ : ୨ ଗିରଫ

**ତିହିଡ଼ି,୩୧।୫(ନିପ୍ର):** ଭଦ୍ରକ ଜିଲା ତିହିଡ଼ି ଥାନା ମଙ୍ଗଳପୁର ପଞ୍ଚାୟତ ଅଧୀନ ଗନ୍ଧର୍ବପୋଖରୀ ଗ୍ରାମ ରାସ୍ତାରୁ ଗୁରୁବାର ତିହିଡ଼ି ପୁଲିସ ୫ବସ୍ତା କୋଇଲା ଜବତ କରିଛି । ଏଥିସହ ପୁଲିସ କୋଇଲା ନେଇ ଯାଉଥିବା ୨ଟି ବାଇକ୍‌କୁ ଜବତ କରିଛି । କୋଇଲା ଚାଲାଣରେ ସମ୍ପୃକ୍ତ ଥିବା ଗନ୍ଧର୍ବପୋଖରୀ ଗ୍ରାମର ଦୀପକ ବଳ ଓ ଉପାକ ଦାସ ନାମକ ୨ଜଣ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ତିହିଡ଼ି ଥାନାରେ ଏକ ମକଦ୍ଦମା ରୁଜୁ ହୋଇଛି ।

## ଦୁଇ ବ୍ୟବସାୟୀ ପ୍ରତିଷ୍ଠାନ ମଧ୍ୟରେ ମାଡପିଟ

**କେନ୍ଦ୍ରାପଡ଼ା,୩୧/୫(ନିପ୍ର):** କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଛକ (ବାଇପାସ) ନିକଟରେ ଥିବା ୨ଟି ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରେ ମାଡପିଟ ହୋଇଥିବାର ଟାଉନ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ଏହି ଛକରେ ଥିବା ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ୨ଟି ବୃହତ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟରେ ବ୍ୟବସାୟକୁ ନେଇ ଦୀର୍ଘ ଦିନ ଧରି ପ୍ରତିଯୋଗିତା ଲାଗି ରହିଥିଲା । ଏପରିକି ଉକ୍ତ ପ୍ରତିଷ୍ଠାନ ସମ୍ମୁଖରେ ଗତ କିଛି ଦିନ ତଳେ ବୋମାମାଡ କରାଯାଇଥିଲା । ଗୁରୁବାର ସନ୍ଧ୍ୟା ୭ଟା ସମୟରେ ଏହି ୨ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ପରେ ଏହା ମାଡପିଟର ରୂପ ନେଇଥିଲା । ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ପ୍ରଶମିତ କରିବା ସହିତ ଅଧିକ ପୋଲିସ ଫୋର୍ସ ସେଠାରେ ମୃତୟନ କରିବା ସହ ଘଟଣାର ଅନୁସନ୍ଧାନ କରୁଥିବା ଜଣାପଡିଛି । ଏହି ଘଟଣାକୁ ନେଇ ଟାଉନ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବାର ସୂଚନା ମିଳିଛି ।

## ବାଲେଶ୍ୱରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

**ବାଲେଶ୍ୱର,୩୧/୫(ନି.ପ୍ର):** ଆଜି ପୂର୍ବାହ୍ନରେ ଜିଲ୍ଲା ସଦର ମହକୁମା ଡାକ୍ତରଖାନା ସମ୍ମିଳନୀ ଗୃହରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଉପ-ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତମାଖୁ ବର୍ଜନ ଦିବସକୁ ସାରା ବିଶ୍ୱରେ ପାଳନ କରିବାର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରିବା ସହିତ ଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ତମାଖୁ ବର୍ଜନ ସକାଶେ ଏକ ଶପଥ ପାଠ କରାଇଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା, ରଂଜନ କୁମାର ପାଢୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ପରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ବକ୍ଷ ଓ ଯକ୍ଷ୍ମା




ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ପୁଙ୍ଖାନୁପୁଙ୍ଖ ଭାବେ ବିଷୟବସ୍ତୁ ଏବଂ ଚଳିତ ବର୍ଷର ସ୍ଲୋଗାନ "ତମାଖୁ ଫୁସଫୁସ୍‌ର ସ୍ୱଚ୍ଛତା" ଉପରେ ବିଶେଷ ଆଲୋକପାତ କରିଥିଲେ । ବିଶ୍ୱରେ ପ୍ରତିବର୍ଷ ତମାଖୁ ସେବନ ଜନିତ ରୋଗରେ ଆକ୍ରାନ୍ତ ହୋଇ ପ୍ରାୟ ୬୦ ମିଲିୟନ ଲୋକ ଅକାଳ ମୃତ୍ୟୁମୁଖରେ ପଡୁଥିବାରୁ ଏହା ସମାଜ ପାଇଁ ଏକ ମାରାତ୍ମକ ବ୍ୟାଧି ଭାବେ ପରିଗଣିତ ହୋଇଥିବା ଦୃଷ୍ଟିରୁ ଆଜି ଦିବସର ପାଳନର ଗୁରୁତ୍ୱ ଅଧିକ ରହିଥିବା ପ୍ରକାଶ କରାଯାଇଥିଲା । ଏହା କେବଳ ସମାଜରେ ସ୍ୱାସ୍ଥ୍ୟ ସମସ୍ୟା ହିଁ ସୃଷ୍ଟି କରେ ନାହିଁ, ତମାଖୁ ବିପଣନ ଦ୍ୱାରା କିଛି କତିପୟ ଲୋକଙ୍କ ପାଖକୁ ଲାଭାଂଶ ଯାଉଥିବା ବେଳେ ଦେଶର ପ୍ରଭୂତ ରାଜସ୍ୱ ହାନୀ ଘଟୁଛି । ତେଣୁ ସମସ୍ତଙ୍କୁ "ଜୀବନକୁ ପସନ୍ଦ କରନ୍ତୁ ତମାଖୁକୁ ନୁହଁ" ଏହି ମର୍ମରେ ବୈଠକରେ ଅନ୍ୟାନ୍ୟ ବିଶେଷଜ୍ଞମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ସକାଳେ ତମାଖୁ ବର୍ଜନ ଉପରେ ସଚେତନତା ସୃଷ୍ଟି ସକାଶେ ଏକ ସଚେତନତା ରାଲିର ଆୟୋଜନ କରାଯାଇ ସହର ପରିକ୍ରମା କରାଯାଇଥିଲା । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ୧୯୮୭ରୁ କରାଯାଇ ଆସୁଥିବା ଏହି କାର୍ଯ୍ୟକ୍ରମରେ ବହୁଳମାତ୍ରାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ ପ୍ରଭୃତିକୁ ସାମିଲ କରାଯାଇ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ପାରିଲେ ଏହାର ସୁଫଳ ସମାଜ ପାଇପାରନ୍ତା ବୋଲି ମତପ୍ରକାଶ ପାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏପିଡି(ଅର୍ଥ) ଶ୍ରୀ ଅଜୟ କୁମାର ସେଠୀ, ଏଡିପିଏଚଓ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଡା ଏସ.ଏସ୍. ଚୌଧୁରୀ, ଏଡିପିଏଚ୍‌ଓ ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ଗିରୀଶ ଚନ୍ଦ୍ର ପତି, ଡିପିଏମ ଶ୍ରୀ ପି.ପି.ପତି, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ନର୍ସିଂ ଛାତ୍ରୀଗଣ ପ୍ରମୁଖ ଉପସ୍ଥିତ ଥିଲେ ।

## ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ପାଇଁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯିବ : ବଜାର ବ୍ୟବସାୟୀ ସଂଘ

**ପିପିଲି,୩୧।୫(ନିପ୍ର):** ପିପିଲି ବଜାର ବ୍ୟବସାୟୀ ସଂଘ ପକ୍ଷରୁ ବିଦ୍ୟୁତ ବିଭାଗକୁ ପିପିଲି ଓ ତାର ଆଖ ପାଖ ଅଞ୍ଚଳକୁ ବିଦ୍ୟୁତ୍ ଆସିବା ନେଇ ଆଲୋଚନା କରିବା ସହ ବାରମ୍ବାର ଲିଖିତ ଅଭିଯୋଗ ଦିଆଯାଇଛି । ଏହି ଘଟଣାକୁ ନେଇ ପ୍ରତ୍ୟେକ ଦିନ ପିପିଲିକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଚାଲିଛି ବିଦ୍ୟୁତ୍ ବିଭାଗ । ଏ ପର୍ଯ୍ୟନ୍ତ ପିପିଲିର କୌଣସି ସ୍ଥାନ ହେଉ କି ମେଡ଼ିକାଲ, ବ୍ଲକ, ତହସିଲ, ଥାନା ଓ ଜରୁରୀକାଳୀନ ସ୍ଥାନ ମାନଙ୍କରେ ବିଦ୍ୟୁତ୍ ସଂଯୋଗ ମିଳିପାରିନାହିଁ । ବିଦ୍ୟୁତ୍ ବିଭାଗର ମିଛ ପ୍ରତିଶ୍ରୁତିକୁ ନେଇ ପିପିଲି ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଏକ ଲିଖିତ ଅଭିଯୋଗ ପିପିଲି ଥାନାକୁ ପ୍ରଦାନ କରାଯାଇଛି । ଏହି ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଯଦି ବିଦ୍ୟୁତ ବିଭାଗ ଅଧିକାରୀମାନେ ପ୍ରତ୍ୟେକ ଦିନ ସନ୍ଧ୍ୟା ଭିତରେ ଲାଇନ ଜଳିବ କହିବା ଓ ୨୨ ତାରିଖ, ୨୫ ତାରିଖ ଓ ୨୮ ତାରିଖ ଏବଂ ୩ ଦିନ ଭିତରେ ବଜାର ପିପିଲି ଏନଏସି ଓ ୧୦ଦିନ ଭିତରେ ପିପିଲି ଓ ତାର ଆଖ ପାଖ ଅଞ୍ଚଳର ୧ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ସଂଯୋଗ ଦିଆଯିବା କହି କୌଣସି ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ନକରିବା ଅଞ୍ଚଳବାସୀଙ୍କୁ ଦୁଃଖ ଦେଇଛି । ଏହିଭଳି ବାରମ୍ବାର ମିଛ ପ୍ରତିଶ୍ରୁତି ଲାଇନ ନଜଳିବା ବିରୋଧରେ ପିପିଲି ବଜାର ବ୍ୟବସାୟୀ ସଂଘ ଓ ତାର ଆଖ ପାଖ ଅଞ୍ଚଳ ଗ୍ରାମବାସୀମାନେ ୧.୬.୨୦୧୯ ସମୟ ଦିନ ୧୦ ଘଟିକାରେ ପିପିଲି ବିଦ୍ୟୁତ୍ କାର୍ଯ୍ୟାଳୟକୁ ଘେରଉ କରାଯିବ ବୋଲି ଲିଖିତ ଅଭିଯୋଗ ଥାନାକୁ ଦେଇଛନ୍ତି ।

## ଗରାପୁର ଡାକବଙ୍ଗଳାରେ ମହାତ୍ମାଗାନ୍ଧୀ ପଦଯାତ୍ରାର ୮୫ତମ ସ୍ମାରକୀ ପାଳିତ

**କେନ୍ଦ୍ରାପଡା,୩୧/୫(ନିପ୍ର):** ଗରାପୁର ଡାକବଙ୍ଗଳା ପରିସରରେ ମହାତ୍ମାଗାନ୍ଧୀଙ୍କ ପଦଯାତ୍ରାର ୮୫ତମ ସ୍ମାରକୀ ଉତ୍ସବ ପାଳିତ ହୋଇଯାଇଛି । ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଓ ମହାତ୍ମାଗାନ୍ଧୀ ପଦଯାତ୍ରା ସ୍ମାରକୀ କମିଟିର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଉପଜିଲ୍ଲାପାଳ ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀର ଜନକ ମହାତ୍ମାଗାନ୍ଧୀଙ୍କ ସ୍ମୃତିଚାରଣ କରିବା ସହିତ ମହାତ୍ମାଗାନ୍ଧୀଙ୍କ କାଳଜୟୀ ବାର୍ତ୍ତା ଉପରେ ଗୁରୁତ୍ୱାରୋପକରି ନୂତନ ପିଢୀକୁ ଏହା ସଦାସର୍ବଦା ଆଲୋକିତ କରିବ ବୋଲି ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଗରାପୁର ଡାକବଙ୍ଗଳା ଠାରେ ମହାତ୍ମାଗାନ୍ଧୀଙ୍କ ସ୍ମୃତିକୁ ଉଦଯିବିତ କରି ରଖିବା ନିମନ୍ତେ ସେଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉପରେ ଛାତ ନିର୍ମାଣ,ଗାନ୍ଧୀଙ୍କ ସ୍ମୃତି ସଂଗ୍ରହିତ ମ୍ୟୁଜିୟମ ପ୍ରତିଷ୍ଠା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଉପଲକ୍ଷେ ମହାତ୍ମାଗାନ୍ଧୀ ପଦଯାତ୍ରା ସ୍ମାରକୀ କମିଟି ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ପୌରହିତରେ ଅନୁଷ୍ଠିତ ସଭାରେ ପୂର୍ତ୍ତ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଦୀପ କୁମାର ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସ,କୁମାର ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଗାନ୍ଧୀବାଦର ଉତଥାନ ଓ ପ୍ରଚାର ପ୍ରସାର ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟ ଡ଼.ବାସୁଦେବ ଦାସ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ୮୫ତମ ସ୍ମାରକୀ ଉତ୍ସବ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖି ମହାତ୍ମାଗାନ୍ଧୀଙ୍କ ପଦଯାତ୍ରାର ୫ଟି ମୁଲ୍ୟବାନ ଉପାଦେୟ କଥା ମଣିଷକୁ ଭଲପାଅ,କାହାକୁ ନିମ୍ନ ଦୃଷ୍ଟିରେ ଦେଖନାହିଁ,ଛୁଆଁ ଅଛୁଆଁ ଭେଦଭାବ ଦୂରକର ଆଦି ବାର୍ତ୍ତା ଉପରେ ଆଲୋଚନା କରି କେନ୍ଦ୍ରାପଡା ଏକ ଦେଶପ୍ରେମୀ ଅଂଚଳ ଓ ଗାନ୍ଧୀବାଦର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ମହାତ୍ମାଗାନ୍ଧୀଙ୍କ ୧୯୩୪ ମସିହା ମଇ ୨୭ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ୪ଦିନ ଏଠାରେ ରହଣି ରାସ୍ତାରେ ଗାନ୍ଧୀପ୍ରେମୀ,ଗାନ୍ଧୀଙ୍କ ଦାୟାଦ ସଙ୍ଘ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନେଇ ଏକ ପଦଯାତ୍ରା ଆୟୋଜନ କରିବା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ପ୍ରାଧ୍ୟାପକ ଅଜୟ କୁମାର ସାମଲ,ଶୁଭାଂଶୁ ଦାସ,କାକଳୀ ମଲ୍ଲିକ,ବରିଷ୍ଠ ଆଇନଜୀବି ପ୍ରଦୀପ କୁମାର ଦାଶ,କସ୍ତୁରବା ମହିଳା ସମିତି ସମ୍ପାଦିକା ଉର୍ମିଳା ମନ୍ତ୍ରୀ,କୁଳମଣି ରାଉତ,ଆଦିକନ୍ଦ ରାଉଳ ପ୍ରମୁଖ ଗାନ୍ଧୀବାଦର କାର୍ଯ୍ୟକାରିତା ଓ ବିଶ୍ୱ ମୁଲ୍ୟବୋଧ,ଗାନ୍ଧୀଙ୍କ ସ୍ୱପ୍ନ ରାମରାଜ୍ୟ,ଗାନ୍ଧୀଙ୍କ ୧୮ ମହତ ବାଣୀର ସମାଜରେ କାର୍ଯ୍ୟକାରିତା ଏବଂ ଶାନ୍ତିମୟ ମାନବ ଜଗତର ଉତଥାନ ସୃଷ୍ଟି ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଉପଜିଲ୍ଲାପାଳଙ୍କ ସମେତ ସମସ୍ତ ଅତିଥି ଓ ସଦସ୍ୟ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କଳାକାର ଗୋଲଖ ସେଠୀ ଗାନ୍ଧୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନୋ ଭଜନ ଗାନ କରିଥିଲେ ।

## ଢେଙ୍କାନାଳରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଢେଙ୍କାନାଳ,୩୧।୫(ନି.ପ୍ର):** ଆଗାମୀ ଜୁଲାଇ ମାସ ୨୪ ତାରିଖ ଦିନ ଢେଙ୍କାନାଳରେ ହେବାକୁ ଥିବା ରଥ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟର ସଭାଗୃହ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ ନିଖିଲ୍ ପଓ୍ୱନ କଲ୍ୟାଣ ଅଧକ୍ଷତା କରି ଉଭୟ ରଥ ଯାତ୍ରା ଏବଂ ବାହୁଡା ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିଭଳି ଉଭୟ ଯାତ୍ରା ପାଇଁ ୧୦ ଲକ୍ଷ ୩୨ ହଜାର ଟଙ୍କା ବ୍ୟୟ ଅଟକଳ କରା ଯାଇଥିବା ଏବଂ ୨ ଥରରେ ଉଭୟ ରଥରେ ନୂତନ କପଡା ଏବଂ ନେତ ଲଗାଯାଇ ରଥକୁ ଫୁଲରେ ସଜାହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ସେହିଭଳି ଅକ୍ଷୟ ତୃତୀୟା ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆବଶ୍ୟକ ଥିବା ଧଉରା କାଠ ଯୋଗାଡ ହୋଇଥିବା ଅବସରରେ ଆବଶ୍ୟକ ଥିବା ଶାଳକାଠ ଯୋଗାଇ ଦେବା ପାଇଁ ବୈଠକରେ ବନ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ରଥ ଯାତ୍ରା ପୂର୍ବରୁ ରାଜପୁରୋଧା ପଂଚାନନ ମିଶ୍ରଙ୍କ ଦ୍ୱାରା ନୀତି ନିର୍ଘଣ୍ଟ ପ୍ରସ୍ତୁତ ହେବ ଏବଂ ଏହାକୁ ବୈଠକରେ ପାଠ କରାଯିବ ବୋଲି ସ୍ଥିର କରା ଯାଇଥିଲା । ଠିକ୍ ସେହିଭଳି ରଥ ନିର୍ମାଣର ତଦାରଖ ପାଇଁ ଢେଙ୍କାନାଳ ଉପ-ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇ ଲକ୍ଷ୍ମୀପୂଜା ବେଳେ ମୂଖ୍ୟ ରାସ୍ତାରେ ଖୋଳା ଯାଇଥିବା ଗାତ ଗୁଡିକୁ ପୋତିବା ପାଇଁ ପି.ଡବ୍ଲ୍ୟୁ.ଡି ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଦୀର୍ଘ ୯ ଦିନ ବ୍ୟାପି ହେବାକୁ ଥିବା ଏହି ଯାତ୍ରା ଅବସରରେ ଶାନ୍ତି ଶୃଙ୍ଖଳା , ଟ୍ରାଫିକ୍ ପରିଚାଳନା, ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଆଶୁ ଚିକିତ୍ସା, ଉନ୍ନତ ମାନର ପୂଜା ସାମଗ୍ରୀ ବିକ୍ରୟ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଣ ଏବଂ ମାଦକ ଦ୍ରବ୍ୟ ନିଷେଧ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ଏତଦ୍ ବ୍ୟତୀତ ସେଣ୍ଟ ଜନ୍ସ ଆମ୍ବୁଲାନ୍ସ ପକ୍ଷରୁ ଚିକିତ୍ସାରେ ୨ ଗୋଟି ଭ୍ରାମ୍ୟମାଣ ଦଳ ନିୟୋଜିତ କରାଯିବ ବୋଲି ବୈଠକରେ ସ୍ଥିର କରା ଯାଇଥିବା ବେଳେ ଜିଲ୍ଲାରେ ଖାଦ୍ୟ ନିରୀକ୍ଷକ ପଦବୀ ଖାଲି ଥିବା ଆଲଚନା କରାଯାଇ ଯାତ୍ରା ସମୟରେ ବାସିଖାଦ୍ୟ ବିକ୍ରି ଉପରେ କଟକଣା ଜାରି କରା ଯାଇଥିଲା । ଏହି କଟକଣାକୁ ଉଲ୍ଲଂଘନ କରାଗଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ରଥଗଡା ଠାରେ ଆମିଷ ବିକ୍ରିକୁ ନିଷେଧ କରାଯିବ ବୋଲି ବୈଠକରେ ସ୍ଥିର କରା ଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଥିବା ଯୋଗୁଁ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ରଥ ଯାତ୍ରା ସମୟରେ ଧାରା ବିବରଣୀ ପାଇଁ ବୈଠକରେ ଆଲୋଚନା କରା ଯାଇଥିଲା । ପ୍ରାରମ୍ଭରେ ଜିଲ୍ଲା ଦେବୋତର ଅଧିକାରୀ ତଥା ଢେଙ୍କାନାଳ ଉପ-ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇ ଗତ ବର୍ଷ ଏହି ରଥଯାତ୍ରା ପାଇଁ ବ୍ୟୟ ଅଟକଳ ୧୦ ଲକ୍ଷ ୪୪ ହଜାର ଟଙ୍କା ଥିବା ବେଳେ ଚଳିତ ବର୍ଷ ଏହି ବ୍ୟୟ ଅଟକଳରେ ପ୍ରାୟ ୧୨ ହଜାର ଟଙ୍କା କମ୍ ଥିଲେ ମଧ୍ୟ ଆଡମ୍ବର ସହିତ ରଥ ଯାତ୍ରା ପାଳନ କରାଯିବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେକୃଷ୍ଣ ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନରୋତମ ବେହେରା, ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ରନାଥ ଦାଶ, ସେସୁର ନିର୍ବାହୀ ଯନ୍ତ୍ରୀ ସ୍ୱପ୍ନସରିତ ମିଶ୍ର ଏବଂ ବିଭିନ୍ନ ସରକାରୀ ଅଧିକାରୀ ଯୋଗ ଦେଇଥିଲେ ।



# ବାତ୍ୟା ବିପନ୍ନଙ୍କୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସହାୟତା



**ଭୁବନେଶ୍ୱର,୩୧।୫(ନି.ପ୍ର):** ସାମୁଦ୍ରିକ ଝଡ଼ 'ଫନି'ର ପ୍ରଳୟ ପରେ ବାତ୍ୟା ବିପନ୍ନଙ୍କୁ ସହାୟତା ଲାଗି ସହଯୋଗର ହାତ ବଢାଇଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱରର ମୁଖ୍ୟ ଶାଖା। ବାତ୍ୟା ପ୍ରପୀଡ଼ିତ ଭୁବନେଶ୍ୱର ସହର ଉପକଣ୍ଠସ୍ଥିତ ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ପାର୍ଶ୍ୱରେ ଅବସ୍ଥିତ ଆଦିବାସୀପଲ୍ଲୀ କନ୍ଦଲେଇ ଗ୍ରାମରେ ବାତ୍ୟା ଦୁର୍ଗତମାନଙ୍କୁ ବ୍ୟାଙ୍କ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କର ଏଜିଏମ୍ ଶଙ୍କର୍ଷଣ ମଲ୍ଲିକ, ଡ଼େପୁଟି ମ୍ୟାନେଜର ସରୋଜ କୁମାର ହୋତା, ସିନିଅର ସ୍ପେଶାଲ ଆସିଷ୍ଟାଣ୍ଟ ବିଶ୍ୱଜିତ୍ ଦାସ, ସିନିୟର ଆସିଷ୍ଟାଣ୍ଟ ତଥା ଜଣାଶୁଣା ବାଲୁକାଶିଳ୍ପୀ ସୁବଳ ମହାରଣା, ସିନିୟର ହେଡ୍ କୁକ୍ ବିଜୟ କୁମାର ପଣ୍ଡା ଓ କର୍ମଚାରୀମାନେ ଏହି ସହାୟତା କାର୍ଯ୍ୟରେ ସାମିଲ୍ ହୋଇଥିଲେ। ବିଦ୍ୟାଳୟ ଖୋଲିବା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ପାଠ୍ୟ ସହାୟକ ଉପକରଣ ଯୋଗାଇ ଦିଆଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏହିପରି ସାମାଜିକ ଦାୟିତ୍ୱ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ବ୍ୟାଙ୍କର କର୍ମକର୍ତ୍ତା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ପ୍ରଦୀପ ରଞ୍ଜନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବ୍ୟାଙ୍କର ଏତାଦୃଶ କାର୍ଯ୍ୟକୁ ଛତାବର ଗ୍ରାମ ପଞ୍ଚାୟତର ସରପଞ୍ଚ ମନସ୍ୱିନୀ ମିଶ୍ର ଢ଼େଙ୍ଗ, ପୂର୍ବତନ ସରପଞ୍ଚ ବିଷ୍ଣୁପ୍ରସାଦ ଢ଼େଙ୍ଗ ସାଧୁବାଦ ଜଣାଇଥିଲେ।

## ଆଇସିଆଇସିଆଇ ପ୍ରୁଡେନସିଆଲ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ରାଉରକେଲା ଶାଖା ପୁନଃସ୍ଥାପିତ

**ରାଉରକେଲା ,୩୧।୫(ନି.ପ୍ର):** ଆଇସିଆଇସିଆଇ ପ୍ରୁଡେନସିଆଲ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ (ଏଏମ୍‌ସି) ପକ୍ଷରୁ ଏହାର ରାଉରକେଲା ଶାଖାକୁ ପୁନଃସ୍ଥାପିତ କରାଯାଇଛି । ପୁଁଜିନିବେଶକାରୀ ଏବଂ ବିତରଣକାରୀମାନେ ବର୍ତ୍ତମାନ ଏଏମସିର ପ୍ରଥମ ମହଲା, ହୋଲଡିଂ ନମ୍ବର-୭୪ (ପୁରୁଣା ନମ୍ବର-୭୨), ଉଦିତନଗର ମେନ ରୋଡ, ପ୍ଲଟ ନଂ-୩୦୪, (ମେହେର ଆଖି ଚିକିତ୍ସାଳୟ ବିପରୀତ), ରାଉରକେଲା, ଓଡିଶା, ପିନ-୭୬୯୦୧୨କୁ ଆସିପାରିବେ ।

ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ଦୀପ୍ତିରଞ୍ଜନ ପଟ୍ଟନାୟକ ଏବଂ ରାଉରକେଲାର ଆଇଏଫଏଏସ ଶ୍ରୀମାନ ଏବଂ ଶ୍ରମତୀ ଏନ.କେ ଧର, ଶ୍ରୀ ବିପୁଲ ହେମାନୀ, ଶ୍ରୀ ଏନ.ସି ରକସିତ, ଶ୍ରୀମାନ ଏବଂ ଶ୍ରମତୀ ଏସ.କେ ବିଶ୍ୱାଳ, ଶ୍ରୀ କେ ପରମେଶ୍ୱରମ ଓ ଶ୍ରୀ ରବି କିଶନନନ୍ଦନଙ୍କ ମିଳିତ ଆନୁକୂଲ୍ୟରେ ଏହି ଶାଖାର ଶୁଭ ଉଦ୍‌ଘାଟନ କରାଯାଇଛି ।

ଏହି ଅବସରରେ ଶ୍ରୀ. ଗୁରମିତ ସିଂହ କାର୍ଲା, ପୂର୍ବାଞ୍ଚଳର ଆଞ୍ଚଳିକ ମୁଖ୍ୟ, ଆଇସିଆଇସିଆଇ ପ୍ରୁଡେନସିଆଲ ଏଏମସି କହିଛନ୍ତି ଯେ, ଆମର ଏହି ନୂଆ କାର୍ଯ୍ୟାଳୟ ଗ୍ରାହକଙ୍କ ଆବଶ୍ୟକତା ଖୁବ ଭଲ ଭାବେ ପୂରଣ କରିବା ସହ ସ୍ଥାନୀୟରୂପରେ ଏହା ବୃଦ୍ଧି ଏବଂ ସ୍ଥାନୀୟ ବଜାରରେ ଏହାର ସଂପ୍ରସାରଣ ଓ ଦୀର୍ଘ କାଳୀନ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛନ୍ତି। ସେ ଆହୁରୀ ମଧ୍ୟ କହିଛନ୍ତି ଯେ, ନ୍ତକମ୍ପାନୀ ମ୍ୟୁଚୁଆଲ ଫଣ୍ଡ ଉଦ୍ୟୋଗରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଦେଶର ଦୀର୍ଘତା ଏବଂ ପ୍ରସ୍ଥତା ମାମଲାରେ ନିବେଶକଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରତିଶ୍ରୁତିବଦ୍ଧ ।

## ଓପୋର ନୂତନ ବ୍ରାଣ୍ଡ ପରିଚୟ ସହିତ ଭାରତରେ ରେନୋ ଶୃଙ୍ଖଳାର ଶୁଭାରମ୍ଭ

**ଭୁବନେଶ୍ୱର,୩୧।୫(ନି.ପ୍ର):** ଗ୍ରାହକ କୈନ୍ଦ୍ରିକ ପ୍ରତିଶୃତିକୁ ପାଳନ କରିବାକୁଯାଇ,ଏକ ଅଗ୍ରଣୀ ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ, ଓପୋ ଏହାର ନୂତନ ବ୍ରାଣ୍ଡ ପରିଚୟର ଶୁଭାରମ୍ଭ କରିଛି, ଯାହାକି ଗୁଣବତ୍ୱା, କାରୁକାର୍ଯ୍ୟ ଏବଂ ସ୍ୱତନ୍ତ୍ରତାକୁ ସମସ୍ତ ଦିଗରୁ ଦୃଷ୍ଟିକେନ୍ଦ୍ରିତ କରିଛି । ସ୍ମାର୍ଟଫୋନ୍ ଅତ୍ୟାଧୁନିକତା କ୍ଷେତ୍ରରେ ଅଗ୍ରଣୀ ଓପୋ ବିଶ୍ୱସ୍ତରରେ ପ୍ରିମିୟମ ବିଭାଗରେ ସବୁଠାରୁ ଦୃତ ଗତିରେ ବୃଦ୍ଧି ପାଉଥିବା ସ୍ମାର୍ଟଫୋନ୍ ବ୍ରାଣ୍ଡ ହେବା ସହିତ ଏପ୍ରିଲ ୨୦୧୯ରେ ପ୍ରକାଶିତ କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ତଥ୍ୟ ଅନୁଯାୟୀ ଆଶ୍ଚର୍ଯ୍ୟଜନକରୂପେ ୮୬୩% ଅଭିବୃଦ୍ଧି ହୋଇପାରିଛି ।

ଏହିପରି ଅଭିବୃଦ୍ଧି ଏବଂ ପ୍ରିମିୟମ ବିଭାଗରେ ଉପଭୋକ୍ତା ମାନଙ୍କ ଠାରୁ ପ୍ରୋତ୍ସାହିତହୋଇ, ଓପୋ ଖ୍ୟାତିସମ୍ପର୍ଣ୍ଣ ଡ଼ିଜାଇନର, ନିୟୁର୍ୱ୍କ ପେଣ୍ଟାଗ୍ରାମର ଏଡ଼ି ଅପେରା ଏକ ନୂତନ ବ୍ରାଣ୍ଡ ପରିଚୟକୁ ଡ଼ିଜାଇନ କରିଛନ୍ତି । ଓପୋର ନୂତନ ବ୍ରାଣ୍ଡ ପରିଚୟ କମ୍ପାନୀ ଏବଂ ଏହାର ଅଭିବୃଦ୍ଧି ଏବଂ ସଫଳତାରେ ଏକ ଆକର୍ଷଣୀୟ ବିପ୍ଲବକୁ ପରିପ୍ରକାଶ କରିଛି। ନୂତନ ବ୍ରାଣ୍ଡର ପ୍ରତିଛବି ଅଧିକ ସରଳ, ସିମର୍ଟିକାଲ ଲୋଗୋକୁ ପ୍ରଦର୍ଶିତ କରୁଛି। ଓପୋ କର୍ଭର ଗୁଣବତ୍ୱା ସହିତ। ନୂତନ ଲୋଗୋ ଏପର୍ଯ୍ୟନ୍ତର ସବୁଠାରୁ ଆକର୍ଷଣୀୟ ଏବଂ ସର୍ବୋପରି ଏକ ଡ଼ିଜାଇନ ପ୍ରଦାନ କରିଥାଏ, ଯାହାକି କଳ୍ପନା ପାଇଁ ଯଥେଷ୍ଟ ସ୍ଥାନ ଛାଡ଼ିଯାଇଥାଏ । ଉକ୍ତ ପ୍ରତିଛବି ଆହୁରୀ ମଧ୍ୟ ଏକ ନୂତନ କଲର ସିଷ୍ଟମ ଏବଂ ଦୃଶ୍ୟମାନ ଲେଆଉଟ ସିଷ୍ଟମ ତଥା ସର୍ବୋପରି କଷ୍ଟମ ଟାଇପଫେସ୍, ଓପୋ ସ୍ୟାନ୍ସକୁ ଅନ୍ତର୍ଭୂକ୍ତ କରିଥାଏ। ଏହି ନୂତନ ବ୍ରାଣ୍ଡ ପରିଚୟ ଓପୋର ଅଭିବୃଦ୍ଧିକୁ ପରିପ୍ରକାଶ କରିବା ସହିତ ଓପୋର ବିସ୍ତୃତ ପହଞ୍ଚ ବିଶ୍ୱସ୍ତରରେ ବିଭିନ୍ନ ବଜାରରେ ସମ୍ପ୍ରସାରଣ ହେବା ବଜାୟ ରଖିଛି ।

ଏହାର ଅତ୍ୟାଧୁନିକ ଆବିଷ୍କାର ଏବଂ ସୃଜନଶୀଳତାକୁ ବଜାୟରଖି, ଓପୋ ଆହୁରୀମଧ୍ୟ ଏହାର ଉତ୍ପାଦ ଶୃଙ୍ଖଳାରେ ଏକ ନୂତନ ଶୃଙ୍ଖଳା-ରେନୋ ସିରିଜର ଶୁଭାରମ୍ଭ କରିଛି । ସୃଜନଶୀଳତା ପାଇଁ ନିର୍ମିତ, ରେନୋ ସିରିଜ୍ ଯୁବ ଗ୍ରାହକଙ୍କୁ ଦୃଷ୍ଟକେନ୍ଦ୍ରିତ କରିଥିବାବେଳେ ଏହାର ନିଜସ୍ୱ ପରିପ୍ରକାଶ ଏବଂ କଳ୍ପନା ଗୁଡ଼ିକ ମଧ୍ୟ ଅବିଶ୍ୱସନୀୟ । ଓପୋର ଅନନ୍ୟ ଲକ୍ଷ୍ୟ, ରେନୋ ଭାରତରେ ଆସନ୍ତା ୧୦ ବର୍ଷରେ ଉନ୍ନତି ସହିତ ଅଗ୍ରଣୀ ଭାବରେ ସେବା ଯୋଗାଇବ । ଏହାର ଲକ୍ଷ୍ୟରେ, ଓପୋ ପକ୍ଷରୁ 'ଆଇ ଆମ ରେନୋ' ବ୍ରାଣ୍ଡ ଅଭିଯାନର ଶୁଭାରମ୍ଭ କରାଯାଇଛି, ଯାହାକି ନୂତନ ଉତ୍ପାଦ ଚିନ୍ତାଧାରା, ଡ଼ିଜାଇନ, ଦର୍ଶନ ଏବଂ ଯୋଗାଯୋଗ ମଡ଼େଲକୁ ଦର୍ଶାଇଛି । 'ଆଇ ଆମ ରେନୋ' ଅଭିଯାନର ଏକ ଅଂଶ ସ୍ୱରୂପ, ଓପୋ ବିଶ୍ୱସ୍ତରୀୟ ସୁନାମଧନ୍ୟ କଳାକାରଙ୍କ ସହିତ ସହବନ୍ଧିତହୋଇ ସୃଜନଶୀଳତାର ଶକ୍ତିକୁ ଅନୁପ୍ରାଣିତ କରିବାକୁ ଯାଉଛି ।

## ଓରିଫ୍ଲେମ୍ ନୂଆ ନୋଭ୍ ଏଜ୍ ରିଭାଇଟାଲାଇଜିଂ ମାକ୍ସର ବଜାର ପ୍ରବେଶ

**ଭୁବନେଶ୍ୱର ,୩୧।୫:** ଅଗ୍ରଣୀ ପ୍ରତ୍ୟକ୍ଷ ବିକ୍ରି କସ୍‌ମେଟିକ୍ ବ୍ରାଣ୍ଡ୍ ଓରିଫ୍ଲେମ୍ ଇଣ୍ଡିଆ ପକ୍ଷରୁ ଓରିଫ୍ଲେମ୍ ନୋଭ୍ ଏଜ୍ ନୂଆ ରିଭାଇଟାଲାଇଜିଂ ମାକ୍ସର ବଜାର ପ୍ରବେଶ କରାଯାଇଛି। ମହିଳାଙ୍କ ବହୁବିଧ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସୁଇଡିସ୍ ବ୍ରାଣ୍ଡ୍ ପକ୍ଷରୁ ନୋଭ୍ ଏଜ୍ ନୂଆ ରିଭାଇଟାଲାଇଜିଂ ମାକ୍ସର ପ୍ରସ୍ତୁତ କରାଯାଇଛି। ଏହା ତ୍ୱଚାକୁ କୋମଳ କରିବାକୁ ସକ୍ଷମ ହୋଇଥାଏ।

ଏହା ପ୍ରାକୃତିକ ପଦାର୍ଥରୁ ପ୍ରସ୍ତୁତ। ଏଥିରେ ଭିଟାମିନ୍- ସି, ଇ ଏବଂ ଆଂଟିଅକ୍ସିଡାଂଟ୍ ପ୍ରଚୁର ମାତ୍ରାରେ ରହିଛି। ଏହା ତ୍ୱଚାକୁ ଅଧିକ ଆକର୍ଷଣୀୟ କରି ଗଢ଼ି ତୋଳିବ। ଏଥିରେ ଥିବା ହାୟଲୋରୋନିକ୍ ଏସିଡ୍ ତ୍ୱଚାକୁ ହାଇଡ୍ରେଟେଡ୍ କରିଥାଏ। ସେହିପରି ଏଥିରେ ଥିବା ନିଆସିନାମାଇଡ(ବି-୩) ତ୍ୱଚାକୁ ସୁରକ୍ଷିତ ରଖିଥାଏ। ଏହି ଅବସରରେ ଓରିଫ୍ଲେମ୍ ଦକ୍ଷିଣ ଏସିଆ ମାର୍କେଟିଙ୍ଗ ବରିଷ୍ଠ ନିର୍ଦ୍ଦେଶକ ନବୀନ ଆନନ୍ଦ କହିଲେ,"ନୋଭ୍ ଏଜ୍ ନୂଆ ରିଭାଇଟାଲାଇଜିଂ ମାକ୍ସ ତ୍ୱଚାକୁ ଆକର୍ଷଣୀୟ କରି ଗଢ଼ିତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଖରାରେ ଟୋନିଂ ହେଉଥିବା ତ୍ୱଚାକୁ ଏହା ସୁରକ୍ଷିତ ରଖିଥାଏ। ଏହା ତ୍ୱଚାର୍ ବାଲାନ୍ସ ବଜାୟ ରଖିଥାଏ। ନୋଭ୍ ଏଜ୍ ନୂଆ ରିଭାଇଟାଲାଇଜିଂ ମାକ୍ସକୁ ଗ୍ରାହକ ପସନ୍ଦ କରିବେ ବୋଲି ଆଶା ରହିଛି।" ନୋଭ୍ ଏଜ୍ ନୂଆ ରିଭାଇଟାଲାଇଜିଂ ମାକ୍ସ ବହୁବିଧ କାର୍ଯ୍ୟ କରିଥାଏ। ଏଥିରେ କ୍ଲିନଜର୍, ଟୋନର, ସେରମ୍ ଏବଂ ମଏଶ୍ଚରାଇଜର ଆଦି ରହିଛି।

## ଆଇଡ଼ିବିଆଇ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

**ମୁମ୍ବାଇ,୩୧।୫:** ଆଇଡ଼ିବିଆଇ ବ୍ୟାଙ୍କ ନିର୍ଦ୍ଦେଶନାମଣ୍ଡଳୀ ବୈଠକରେ ୨୦୧୯ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳକୁ ଅନୁମୋଦିତ କରାଯାଇଛି । ଭାରତୀୟ ଜୀବନ ବୀମା ନିଗମ ଆଇଡ଼ିବିଆଇରେ ୫୧% ଅଂଶଧନ ଅଧିଗ୍ରହଣ କରିବା ପରେ ଏଲଆଇସି ନିକଟରୁ ଆଇଡ଼ିବିଆଇକୁ ୨୧,୬୨୪ କୋଟି ଟଙ୍କା ପୁଁ ଆଗମନ ଘଟିଛି। ବ୍ୟାଙ୍କର ସିଇଟି ୧ ପୁଁ ୮.୯୧%କୁ ବୃଦ୍ଧି ପାଇଛି ଯାହା ପୂର୍ବ ବର୍ଷ ୭.୪୨% ଥିଲା । ୨୦୧୯ ଆର୍ଥିକ ବର୍ଷରେ କାର ୧୧.୫୮%କୁ ବୃଦ୍ଧି ପାଇଛି ଯାହା ପୂର୍ବବର୍ଷ ୧୦.୪୧% ରହିଥିଲା । ରିସ୍କ ୱେଟ ସଂପତ୍ତି ପରିମାଣ ୧୭% ହ୍ରାସ ପାଇ ୧,୮୩,୪୫୭ କୋଟି ଟଙ୍କା ହୋଇଛି ଯାହା ପୂର୍ବ ବର୍ଷ ୨,୨୦,୮୬୪ କୋଟି ଟଙ୍କା ଥିଲା । ଷ୍ଟ୍ରାଟେଜିକ୍ ବିକ୍ରିଜନିତ ଆୟକୁ ବାଦ ଦେଇ କାର୍ଯ୍ୟକାରୀ ଲାଭ ୨୦୧୯ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସରେ ୧୪୦୫ କୋଟି ଟଙ୍କା ହୋଇଛି ଯାହା ପୂର୍ବ ଆର୍ଥିକ ବର୍ଷରେ ୫୧୮ କୋଟି ଟଙ୍କା ଥିଲା । ତେବେ ବର୍ଷ ଭିତ୍ତିରେ ଲାଭ ୩୯୦୯ କୋଟି ଟଙ୍କା ହୋଇଛି ଯାହା ୨୦୧୮ ଆର୍ଥିକ ବର୍ଷରେ ୪୦୩୯ କୋଟି ଟଙ୍କା ଥିଲା । ଷ୍ଟ୍ରାଟେଜିକ୍ ବିକ୍ରି ସହ କାର୍ଯ୍ୟକାରୀ ଲାଭ ପରିମାଣ ୨୦୧୯ ଆର୍ଥିକ ବର୍ଷରେ ୪୦୫୨ କୋଟି ଟଙ୍କା ରହିଛି ଯାହା ୨୦୧୮ ଆର୍ଥିକ ବର୍ଷରେ ୭୯୦୯ କୋଟି ଟଙ୍କା ଥିଲା। ୨୦୧୯ ଆର୍ଥିକ ବର୍ଷର ୪ର୍ଥ ତ୍ରୟମାସରେ ନେଟ୍ ଆୟ ୭୬% ବୃଦ୍ଧି ପାଇ ୧୬୦୯ କୋଟି ଟଙ୍କା ହୋଇଛି ଯାହା ୨୦୧୮ ଆର୍ଥିକ ବର୍ଷର ଏହି ସମୟରେ ୯୧୫ କୋଟି ଟଙ୍କା ଥିଲା । ଏନଆଇଆଇ ୫% ବୃଦ୍ଧି ପାଇ ୫୯୦୬ କୋଟି ଟଙ୍କା ହୋଇଛି । ୨୦୧୯ ଆର୍ଥିକ ବର୍ଷର ୪ର୍ଥ ତ୍ରୟମାସରେ ମୋଟ କ୍ଷତି ପରିମାଣ ୪୯୧୮ କୋଟି ଟଙ୍କା ହୋଇଥିବାବେଳେ ସମଗ୍ର ବର୍ଷରେ କ୍ଷତି ପରିମାଣ ୧୫,୧୧୬ କୋଟି ଟଙ୍କା ହୋଇଛି । କାସା ୯୬,୭୩୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି ଯାହା ପୂର୍ବବର୍ଷ ୯.୧୦୨ କୋଟି ଟଙ୍କା ଥିଲା । ମୋଟ ଏନପିଏରେ ସୁଧାର ଆସି ଏହା ୨୭.୪୭% ହୋଇଛି ଯାହା ପୂର୍ବ ଆର୍ଥିକ ବର୍ଷରେ ୨୭.୯୫% ଥିଲା । ନେଟ୍ ଏନପିଏରେ ଉନ୍ନତି ଘଟି ଏହା ୧୦.୧୧% ହୋଇଛି ଯାହା ପୂର୍ବବର୍ଷ ୧୬.୬୯% ଥିଲା ।

## ସାମ୍‌ସଙ୍ଗର ମାର୍କେଟ୍ ସେୟାରକୁ ଡବଲ କରିବାରେ ଗାଲାକ୍ସି ଏମ୍ ସ୍ମାର୍ଟଫୋନ୍‌ର ସହାୟତା

**ଭୁବନେଶ୍ୱର,୩୧।୫(ନି.ପ୍ର):** ସାମ୍‌ସଙ୍ଗର ଗାଲାକ୍ସି ଏମ୍ ସ୍ମାର୍ଟଫୋନ୍ ଭାରତରେ ଅଭୂତପୂର୍ବ ସଫଳତା ହାସଲ କରିଛି। କମ୍ପାନୀ ଖୁବ୍ କମ୍ ସମୟ ମଧ୍ୟରେ ଗାଲାକ୍ସି ଏମ୍୧୦, ଏମ୍୨୦ ଓ ଏମ୍୩୦ ର ୨ ନିୟୁତ ୟୁନିଟ୍ ବିକ୍ରି କରିବାରେ ସଫଳ ହୋଇପାରିଛି। ଯୁବ ପୀଢ଼ି ଓ ଜେନ୍ ଜେଡ୍ ଗ୍ରାହକଙ୍କ ମାନଙ୍କ ପାଇଁ ଡିଜାଇନ୍ ହୋଇଥିବା ଗାଲାକ୍ସି ଏମ୍ କୁ ଭାରତରେ ଆରମ୍ଭ କରାଯାଇଥିଲା ଓ ଏହା ଆମାଜନ ଇନ୍ ଓ ସାମ୍‌ସଙ୍ଗ ଡଟ୍ କମ୍ ରେ ଚଳିତ ବର୍ଷ ଫେବୃୟାରୀରେ ଉପଲବ୍ଧ ହୋଇଥିଲା।

ଗାଲାକ୍ସି ଏମ୍ ର ସଫଳତା ହେତୁ ସାମ୍‌ସଙ୍ଗର କେବଳ ଅନ୍‌ଲାଇନ୍ ଏକ୍ସକ୍ଲୁସିଭ୍ ରେର ସ୍ମାର୍ଟଫୋନ୍ ଦ୍ୱାରା ଏହା ଚଳିତ ବର୍ଷ ଏହାର ମାର୍କେଟ୍ ସେୟାରକୁ ଡବଲ୍ କରିପାରିଛି ବୋଲି କହିଛନ୍ତି, ଅସିମ୍ ୱାର୍ସି, ସିନିୟର ଭାଇସ୍ ପ୍ରେସିଡେଂଟ, ମୋବାଇଲ୍ ବିଜ୍‌ନେସ୍, ସାମସଙ୍ଗ ଇଣ୍ଡିଆ।

ଗାଲାକ୍ସି ଏମ୍ ସିରିଜ୍ ସହିତ ଗାଲାକ୍ସି ଏ ଓ ଗାଲାକ୍ସି ଏସ୍ ସିରିଜ୍ ହେତୁ ସାମ୍‌ସଙ୍ଗ ଇଣ୍ଡିଆର ଅନ୍‌ଲାଇନ୍ ବିକ୍ରିରେ ବୃଦ୍ଧି ହୋଇଛି ଯାହାକି ଅନ୍‌ଲାଇନ୍ ଚାନେଲ୍‌ରେ ଉପଲବ୍ଧ ରହିଛି। ଆମର ଲକ୍ଷ୍ୟ ରହିଛି ଅନ୍‌ଲାଇନ୍ ସ୍ପେସ୍‌ରେ ୨୫% ମାର୍କେଟ୍ ସ୍ପେସ୍ ଗ୍ରହଣ କରିବା, ବୋଲି ସେ କହିଛନ୍ତି।

ସାମ୍‌ସଙ୍ଗ ବର୍ତମାନ ଏହାର ଚତୁର୍ଥ ଗାଲାକ୍ସି ଏମ୍ ସ୍ମାର୍ଟଫୋନ୍ - ଗାଲାକ୍ସି ଏମ୍୪୦ କୁ ପ୍ରସ୍ତୁତ କରୁଛି ଯାହାକି ଜୁନ୍‌ର ପ୍ରଥମ ଅର୍ଦ୍ଧେକରେ ଶୁଭାରମ୍ଭ ହେବାକୁ ଯାଉଛି। ଗାଲାକ୍ସି ଏମ୍୪୦ ହେଉଛି ସବୁଠାରୁ ଅଧିକ ପ୍ରିମିୟମ ଏମ୍ ସ୍ମାର୍ଟଫୋନ୍, ଯାହାର ମୂଲ୍ୟ ଟ. ୨୦,୦୦୦ ହେବାର ଆଶା କରାଯାଉଛି। ଗାଲାକ୍ସି ଏମ୍୪୦ ସ୍ନାପଡ୍ରାଗନ୍ ପ୍ରୋସେସର ଓ ସାମ୍‌ସଙ୍ଗର ଇନ୍‌ଫିନିଟି ଓ ଡିସ୍‌ପ୍ଲେ ଟେକ୍‌ନୋଲୋଜି ଦ୍ୱାରା ଶୁଭାରମ୍ଭ ହେବ। ଭାରତ ପ୍ରଥମ ଦେଶ ଭାବରେ ଗାଲାକ୍ସି ଏମ୍୪୦ ପାଇବ।

ଗାଲାକ୍ସି ଏମ୍ କୁ ଭାରତରେ ସଫଳ କରିଥିବାରୁ ସାମ୍‌ସଙ୍ଗ ଏହାର ଗ୍ରାହକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଦୁର୍ଘଟଣାରେ ସାମ୍ବାଦିକ ଆହତ



ରାଉରକେଲା,୩୧।୫: ନିଜ ପତ୍ନୀଙ୍କୁ ଚିକିତ୍ସା କରିବାକୁ ଯାଇଥିବା ରାଉରକେଲାର ଜଣେ ସାମ୍ବାଦିକ ରାସ୍ତାରେ ଦୁର୍ଘଟଣାରେ ଆହତ ହୋଇଥିବା ଜଣାପଡ଼ିଛି। ସେ ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନାଅନୁଯାୟୀ, ରାଉରକେଲା ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ବିରଂଚି ନାରାୟଣ ପଟ୍ଟନାୟକ ପତ୍ନୀଙ୍କୁ ଚିକିତ୍ସା କରିବାକୁ ଭୁବନେଶ୍ୱର ଯାଇଥିବା ବେଳେ ଦୁର୍ଘଟଣାର ଶୀକାର ହୋଇଥିଲେ। ଏଥିରେ ସେ ଗଭୀର ଆହତ ହୋଇଥିଲେ। ଏବେ ତାଙ୍କ ଅବସ୍ଥା ସ୍ଥିର ଥିବା ପରିବାରପକ୍ଷରୁ ପ୍ରକାଶ ।

## ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ସହ ଉବେର ସହବନ୍ଧିତ

**ଭୁବନେଶ୍ୱର,୩୧।୫(ନି.ପ୍ର):** ଭାରତର ସର୍ବବୃହତ ପର୍ସନାଲ ମୋବିଲିଟି କମ୍ପାନୀ, ଉବେର ବର୍ତ୍ତମାନ ଭାରତର ଅଗ୍ରଣୀ ତୈଳକମ୍ପାନୀ, ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ସହ ସହଯୋଗୀତା ମାଧ୍ୟମରେ ନିଜର ହଜାର ହଜାର ସହଯୋଗୀ ଚାଳକମାନଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଛି । ଏହି ସହଯୋଗୀତା ଉବେରର ସଦ୍ୟ କାର୍ଯ୍ୟକାରୀ ଉବେର କେୟାର ଅମ୍ବ୍ରେଲା କାର୍ଯକ୍ରମ ଅର୍ନ୍ତଗତ କରାଯାଇଛି। ଏଥିରେ ବର୍ତ୍ତମାନସୁଦ୍ଧା ୧୨ହଜାରରୁ ଉର୍ଦ୍ଧ୍ୱ ସହଯୋଗୀ ଚାଳକ ପିକରଣ କରିସାରିଛନ୍ତି ।

ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ସହ ଏହି ସହଯୋଗୀତା ଦ୍ୱାରା ସହଯୋଗୀ ଚାଳକମାନେ ସାରାଭାରତର ଯେକୌଣସି ଆଇଓସିଏଲ ପେଟ୍ରୋଲ ପମ୍ପରୁ ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜି କ୍ରୟରେ ରିହାତି ପାଇପାରିବେ । ଏହି ସୁବିଧା କମ୍ପାନୀର ଉବେର କେୟାର କାର୍ଯ୍ୟକ୍ରମର ଏକ ଅଂଶ ଯାହା ମାଧ୍ୟମରେ ଚାଳକ ମାନଙ୍କୁ ଜୀବନ ଏବଂ ସ୍ୱାସ୍ଥ୍ୟବୀମା, କ୍ଷୁଦ୍ରଋଣ ସମେତ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉଛି । ଆଇଓସିଏଲ ସହ ଏହି ସହଯୋଗୀତା ଉବେରର ଚାଳକ ଗୋଷ୍ଠିଙ୍କ ପ୍ରତିଥିବା ନିଜର ପ୍ରତିବଦ୍ଧତାକୁ ପୁନଃ ସ୍ଥାପିତ କରିଛି ।

ଏହି ସମ୍ପର୍କରେ ଶ୍ରୀ ବିଜ୍ଞାନ କୁମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ରିଟେଲ ସେଲ୍ସ) କହିଛନ୍ତି ଯେ, ନ୍ତଇଣ୍ଡିଆନ ଅଏଲ ସର୍ବଦା ଏହାର ଗ୍ରାହକମାନଙ୍କୁ ଅତି ଉତ୍କୃଷ୍ଟ ଅନୁଭବ ପ୍ରଦାନ କରିବାରେ ଚେଷ୍ଟା କରିଆସିଛି ଏବଂ ଉବେର ସହ ଏହି ସହଯୋଗୀତା ଉବେର ଚାଳକମାନଙ୍କୁ ତେଲ ପକାଇ ଇଣ୍ଡିଆନ ଅଏଲ ପକ୍ଷରୁ ଏକ୍ସଟ୍ରା ରିୱାର୍ଡ ଲୋୟାଲ୍ଟି ପଏଣ୍ଟ ଲାଭ କରିବା ସହ ମାଗଣା ତେଲ ପକାଇବାର ସୁଯୋଗ ପ୍ରଦାନ କରିବ ।

ଏହି ସହଯୋଗୀତା ସମ୍ପର୍କରେ ଶ୍ରୀ ପ୍ରଭଜିତ ସିଂ, ଉବେରର ଭାରତ ଏବଂ ଦକ୍ଷିଣ ଏସିଆ ମୁଖ୍ୟ କହିଛନ୍ତି ଯେ, ନ୍ତଆମର ଚାଳକମାନେ କାର୍ଯ୍ୟପଦ୍ଧତିର କେନ୍ଦ୍ର ହୋଇଥିବାବେଳେ ଆମେ ସେମାନଙ୍କ ପାଇଁ ସର୍ବଶ୍ରେଷ୍ଠ ସୁବିଧା ପ୍ରଦାନ କରିବା ପାଇଁ ସର୍ବଦା ପ୍ରୟାସରତ । ପ୍ରଥମକରୀ ଆରମ୍ଭ ହୋଇଥିବା ଏହି ଉବେର କେୟାର କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ବିଭିନ୍ନ ସହଯୋଗୀତା ମାଧ୍ୟମରେ ଚାଳକ ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ଏବଂ ସ୍ଥିରତା ପ୍ରଦାନ କରୁଛୁ । ଏହି ସହଯୋଗୀତା ମାଧ୍ୟମରେ ତୈଳଖର୍ଚ୍ଚରୁ ବାଦ ବଳକା ଅର୍ଥକୁ ଆମେ ଆମ ଚାଳକ ମାନଙ୍କୁ ଫେରାଇବା ପାଇଁ ଚେଷ୍ଟା କରୁଛୁ । ଉବେର ବିଗତ କିଛି ମାସରେ ଅନେକ କାର୍ଯ୍ୟକ୍ରମ ଏବଂ ସହଯୋଗୀତା ମାଧ୍ୟମରେ ଏହାର ଚାଳକମାନଙ୍କ ପାଇଁ ପ୍ରତିବଦ୍ଧତାକୁ ଦୃଢିବୁତ କରିଛି । ଜାନୁଆରୀରେ ଉବେର ଏକ ଡ୍ରାଇଭର ସେଫଟି ଟୁଲକିଟ ଯାହା ଆପ ଅନ୍ତର୍ଗତ ସେଫଟି ଫିଚର୍ସର ଶୁଭାରମ୍ଭ କରିଥିଲା । ନିକଟରେ ଏହା ଉବେର କେୟାର କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୁସ୍ମାନ ଭାରତ ସହ ଯୋଗୀତାକରି ପ୍ରତ୍ୟେକ ଚାଳକ ଏବଂ ସେମାନଙ୍କ ପରିବାର ବର୍ଗକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା କରିବାର ସୁବିଧା ପ୍ରଦାନ କରୁଛି ।

## ୨୦୧୮-୧୯ ଆର୍ଥିକ ବର୍ଷରେ ୨୧୭୯ କୋଟି ଟଙ୍କା ଲାଭ ସହିତ ସେଲର ପଟ୍ଟ ପରିବର୍ତ୍ତନ

**ଭୁବନେଶ୍ୱର,୩୧।୫(ନି.ପ୍ର):** ସଫଳତାର ନୂତନ ଶିଖର ଛୁଇଁବା ପାଇଁ କମ୍ପାନୀ ପୁନଃପ୍ରସ୍ତୁତ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ (ସେଲ) କ୍ରମାଗତ ୩ବର୍ଷ କ୍ଷତି ସହିବା ପରେ ୨୦୧୮-୧୯ ଆର୍ଥିକ ବର୍ଷରେ ଶୁଦ୍ଧ ଲାଭାର୍ଜନ ସହିତ ଉଲ୍ଲେଖନୀୟ ପଟ୍ଟ ପରିବର୍ତ୍ତନ ହାସଲ କରିଛି। କମ୍ପାନୀ ଏହାର ବାର୍ଷିକ ଆର୍ଥିକ ଫଳାଫଳ ମଇ ୩୦ ତାରିଖରେ ଘୋଷଣା କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ସେଲ ୨୧୭୮.୮୨ କୋଟି ଟଙ୍କା କର ପରବର୍ତ୍ତୀ ଲାଭ ହାସଲ କରିଛି। ସୂଚନାଯୋଗ୍ୟ ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ କମ୍ପାନୀର କ୍ଷତିର ପରିମାଣ ୪୮୧.୭୧ କୋଟି ଟଙ୍କା ରହିଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ବଜାର ସ୍ଥିତି ଅନୁଯାୟୀ ବର୍ଷ ସାରା ପ୍ରଦର୍ଶନରେ ଉନ୍ନତି ଆଣିବା ନିମନ୍ତେ ବଳିଷ୍ଠ ପ୍ରୟାସର ଫଳସ୍ୱରୁପ କମ୍ପାନୀ ପରିବର୍ଦ୍ଧିତ ଉତ୍ପାଦନ, ଉତ୍ପାଦ ସାମଗ୍ରୀରେ ଉନ୍ନତି ଏବଂ ମଉଲ୍ୟଯୁକ୍ତ ଇସ୍ପାତ ଅଂଶରେ ବୃଦ୍ଧି ଆଣିବା କ୍ଷେତ୍ରରେ ସଫଳ ହୋଇପାରିଛି।

ସେଲ ଅଧ୍ୟକ୍ଷ, ଶ୍ରୀ ଅନିଲ କୁମାର ଚୌଧୁରୀ ଏହି ପଟ୍ଟ ପରିବର୍ତ୍ତନର ଶ୍ରେୟ ପ୍ରତିଷ୍ଠାନ ମଧ୍ୟରେ ଥିବା ଐକ୍ୟତା ଓ ଦଳଗତ କାର୍ଯ୍ୟକୁ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ଏହି ପଟ୍ଟ ପରିବର୍ତ୍ତନ ହାସଲ ନିମନ୍ତେ ସଂପୂର୍ଣ୍ଣ ସେଲ ସାମୁଦାୟିକ ଏକନିଷ୍ଠ ରୁପେ ଲକ୍ଷ ପଥରେ କାର୍ଯ୍ୟ କରିଥିଲେ। ମିଳିତ ରୁପେ ଆମ୍ଭେ ଏହା ହାସଲ କରିପାରିଛନ୍ତି ଏବଂ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ହାସଲ ପାଇଁ ଆମର ସଂକଳ୍ପକୁ ଏହା ସୁଦୃଢ କରିଛି। ସେଲକୁ ପ୍ରଦର୍ଶନର ଉଚ୍ଚତର କକ୍ଷପଥରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ବଦ୍ଧପରିକର। ଗତ ଆର୍ଥିକ ବର୍ଷର ଫଳାଫଳ ଉଚ୍ଚତର ଲକ୍ଷ୍ୟ ରଖିବା ପାଇଁ ଆମକୁ ମନୋବଳ ପ୍ରଦାନ କରୁଛି ଏବଂ ଆମେ ଆଗାମୀ ଦିନରେ ସ୍ୱତନ୍ତ୍ର ଓ ମୂଲ୍ୟଯୁକ୍ତ ଇସ୍ପାତ ଓ ନିର୍ଦ୍ଦିଷ୍ଟ ଉତ୍ପାଦ ସାମଗ୍ରୀ ଉତ୍ପାଦନ ଉପରେ ବିଶେଷ ଧ୍ୟାନପ୍ରଦାନ ପୂର୍ବକ ଆମର ଅତ୍ୟାଧୁନିକ ମିଲଗୁଡିକରୁ ଉତ୍ପାଦନରେ ବୃଦ୍ଧି ଆଣିବା ନିମନ୍ତେ ଆହୁରି ଅଧିକ ପ୍ରୟାସ କରିବୁ।

୨୦୧୮-୧୯ ଆର୍ଥିକ ବର୍ଷରେ ସେଲର ସମସ୍ତ ନୂତନ ୟୁନିଟଗୁଡିକରୁ ଉତ୍ପାଦନରେ ଉଲ୍ଲେଖନୀୟ ଉନ୍ନତି ସାଧିତ ହୋଇଛି। ଯାହାର ଫଳସ୍ୱରୁପ କମ୍ପାନୀ ଏହାର ଉତ୍ପାଦ ସାମଗ୍ରୀ ସମୂହକୁ ସମୃଦ୍ଧ କରିପାରିଛି। ପରିବର୍ଦ୍ଧିତ ଉତ୍ପାଦନକୁ ଦୃଷ୍ଟିରେ ରଖି କମ୍ପାନୀ ଚାଲାଣରେ ବୃଦ୍ଧିକୁ ସୂଚାରୁ କରିବା ନିମନ୍ତେ ଏକ ସମର୍ପିତ ପରିବହନ ବ୍ୟାବସ୍ଥା ସ୍ଥାପନ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ସେଲ ସର୍ବ କାଳୀନ ଶ୍ରେଷ୍ଠ ୯.୮୫ ଲକ୍ଷ ଟନ ୟୁଟିଏସ-୯୦ ରେଳ ଉତ୍ପାଦନ କରିଛି।

ଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟୋମାସରେ ସେଲ ୪୬୮ କୋଟି ଟଙ୍କାର ଶୁଦ୍ଧ ଲାଭ ହାସଲ କରିଛି। ଏହି ଅବଧିରେ ସୁଧ, କର ମୂଲ୍ୟହ୍ରାସ ଏବଂ ପରିଶୋଧ ପୂର୍ବବର୍ତ୍ତୀ ଆୟ ୨୪୬୧କୋଟି ଟଙ୍କା ରହିଥିଲା। ଏବଂ ସମୁଦାୟ କାରବାର ୧୮୩୧୩ କୋଟି ଟଙ୍କା ଥିଲା। ଏହି କ୍ଷେତ୍ରରେ ଅନୁରୂପ ପୂର୍ବ ଆର୍ଥିକ ବର୍ଷ ଅବଧି ତୁଳନାରେ ୯% ଅଭିବୃଦ୍ଧି ହାସଲ ହୋଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟୋମାସରେ କମ୍ପାନୀର ଉତ୍ତପ୍ତ ଧାତୁ, ଅଶୋଧିତ ଇସ୍ପାତ ଓ ବିକ୍ରିଯୋଗ୍ୟ ଉସ୍ପାତ ଉତ୍ପାଦନର ପରିମାଣରେ ଅନୁରୂପ ପୂର୍ବ ଆର୍ଥିକ ବର୍ଷ ଅବଧି ତୁଳନାରେ ଯଥାକ୍ରମେ ୧୦%, ୮% ଏବଂ ୧୪% ବୃଦ୍ଧି ଘଟିଥିବାବେଳେ ସମୁଦାୟ ବିକ୍ରୟ ପରିମାଣରେ ୧୩% ବୃଦ୍ଧି ହାସଲ ହୋଇଛି।

# ମନ୍ତ୍ରୀ ହେବା ପରେ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଧର୍ମେନ୍ଦ୍ର ଓ ପ୍ରତାପ



ଭୁବନେଶ୍ୱର, ୩୧।୫ (ନି.ପ୍ର): ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳି ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେବା ପରେ ଏବଂ ଦାୟିତ୍ୱ ଗ୍ରହଣ ପୂର୍ବରୁ ଶୁକ୍ରବାର ଦିଲ୍ଲୀ ସ୍ଥିତ ହଜ୍‌ଖାସ୍ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ନୂଆ କରି ମନ୍ତ୍ରୀମଣ୍ଡଳରେ ସାମିଲ ହୋଇଥିବା ପ୍ରତାପ ଷଡଙ୍ଗୀ, ଦଳର ଅନ୍ୟତମ ସାଂସଦ ଅପରାଜିତା ଷଡଙ୍ଗୀ ଓ ସପତ୍ନୀଙ୍କ ସହ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ପରେ ଗଣମାଧ୍ୟମଙ୍କୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଦିଲ୍ଲୀ ସ୍ଥିତ ଏହି ପୂରାତନ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାର ସୌଭାଗ୍ୟ ମିଳିଲା । ଭାଗ୍ୟରେ ଥିଲେ ଜଗନ୍ନାଥଙ୍କ ଦର୍ଶନ ମିଳେ ବୋଲି ଓଡିଶା ଲୋକମାନଙ୍କ ମନରେ ବିଶ୍ୱାସ ଅଛି । ଜଣେ ଓଡିଆ ଭାବେ ବିଶ୍ୱର ପ୍ରଭୁ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ନେବାପାଇଁ ଏଠାକୁ ଆସିଥିବା ସେ କହିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ଭାରତ ତଥା ଓଡିଶାକୁ ବିଶ୍ୱର ଏକ ଅଗ୍ରଣୀ ଅଂଚଳ ଭାବେ ପରିଣତ କରିବା ପାଇଁ ବାଟ ଦେଖାଇବେ । ମହାପ୍ରଭୁଙ୍କ ଆଶୀର୍ବାଦରେ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରାଳୟ ଦେଶରେ ସବ୍ କି ସାଥ୍ ସବ୍ କି ବିକାଶ ମନ୍ତ୍ରକୁ ନେଇ କାମ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ଯୁବ ବିଜେଡି ପକ୍ଷରୁ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଂଟନ

ରାଇରଙ୍ଗପୁର, ୩୧।୫ (ନି.ପ୍ର): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପଂଚମ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ରାଇରଙ୍ଗପୁର ବିଜେଡି ପକ୍ଷରୁ ଆନନ୍ଦ ପ୍ରକାଶ ପାଇଥିବା ଜଣାପଡିଛି । ଏହି ଅବସରରେ ଆଜି ମୟୂରଭଂଜ ଯୁବ ବିଜେଡି ସାଧାରଣସମ୍ପାଦକ ବିକି ଶର୍ମାଙ୍କ ନେତୃତ୍ୱରେ ଏକ ଟିମ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାର ଶତାଧିକ ରୋଗୀଙ୍କୁ ଫଂଳ ଓ ବିସ୍କୁଟ ଆଦି ବଂଟନ କରିଥିବା ସୂଚନା ମିଳିଛି । ରାଇରଙ୍ଗପୁର ଏସଡିଏମଓ ଡା. ଛତିଶ ଚନ୍ଦ୍ର ମହାନ୍ତ ଫଂଳ ଓ ବିସ୍କୁଟ ବଂଟନ ସମୟରେ ଉପସ୍ଥିତ ରହିଥିଲେ । ଯୁବ ବିଜେଡି ପକ୍ଷରୁ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବା ଜଣାପଡିଛି ।

# ପଶୁ-ପକ୍ଷୀଙ୍କ ପାଇଁ ଜଳସେବା

ଭୁବନେଶ୍ୱର, ୩୧।୫: ବାତ୍ୟା ପରର ରାଜଧାନୀ ବୃକ୍ଷ ଓ ଛାଇ ଶୂନ୍ୟ ହୋଇଛି । ଆକାଶରୁ ନିଆଁ ଝୁଲ ଭଳି ରୌଦ୍ରତାପରେ ସନ୍ତୁଳି ହେଉଛି ଜୀବନ । ଦିନ ୧୧ଟା ବେଳକୁ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି । ଅସହ୍ୟ ଗ୍ରୀଷ୍ମପ୍ରବାହ କାରଣରୁ ଲୋକେ ଘରୁ ବାହାରୁ ନଥିବା ବେଳେ ବୁଲା ଗାଈ, ଗୋରୁ, କୁକୁର, ବିଲେଇ ଓ ବିଭିନ୍ନ ପ୍ରକାର ପକ୍ଷୀମାନେ ଛାଇ ଓ ପାଣି ଟୋପେ ପାଇଁ ଦହଗଞ୍ଜ ହେଉଛନ୍ତି । ବୁଲା ପଶୁ ଓ ପକ୍ଷୀମାନଙ୍କ ଏଭଳି ଦୁର୍ଦ୍ଦଶାକୁ ଅନୁଭବ କରିବା ପରେ ସମାଜସେବୀ ସୁଶାନ୍ତ ସାହୁ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ ଅଂଚଳରେ ନିଜ ଘର ପାଖରେ ଜଳ ଭର୍ତି ପାତ୍ରମାନ ରଖିବାର ବ୍ୟବସ୍ଥା କରିଛନ୍ତି । ଏହା ଅନେକ ଛୋଟବଡ଼ ପଶୁପକ୍ଷୀମାନଙ୍କୁ ଆକର୍ଷିତ କରିଥିବା କହନ୍ତି ସୁଶାନ୍ତ । ସ୍ମାର୍ଟ ସହର ଭୁବନେଶ୍ୱରର ବାତ୍ୟା ପରବର୍ତୀ ଭୂଗୋଳ ବଦଳି ଯାଇଛି । ବିଶାଳକାୟ ଗଛମାନ ଧରାଶାୟୀ ହେବା ପରେ ଅନେକ ପକ୍ଷୀ ବାସହରା ହୋଇ ପଡ଼ିଛନ୍ତି । ଠିକ୍ ଏହି ସମୟରେ ଅସହ୍ୟ ଗରମ ସେମାନଙ୍କୁ ଅସ୍ତବ୍ୟସ୍ତ କରାଇ ଦେଉଛି । ସହରରେ ପଥଚାରୀମାନଙ୍କ ପାଇଁ ଜଳଛତ୍ରମାନ ଖୋଲା ଯାଉଥିବା ବେଳେ ପଶୁପକ୍ଷୀମାନଙ୍କ ପାଇଁ ସାମାଜିକ କର୍ମୀ ସୁଶାନ୍ତଙ୍କ ଏଭଳି ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଛି । ବିଏମ୍‌ସି କର୍ତୃପକ୍ଷ ଅନୁରୂପ ପଦକ୍ଷେପ ନେବାକୁ ଦାବି ହେଉଛି ।

# ମନ୍ତ୍ରୀ ସୁଦାମଙ୍କୁ କୃଷକ ସାଥୀ ମହଲରୁ ଶୁଭେଚ୍ଛା

ବିଶୋଇ, ୩୧।୫ (ନି.ପ୍ର.): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ୫ମ ଥର ପାଇଁ ରାଜ୍ୟର ମୁଖ୍ୟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସହ ମୟୂରଭଞ୍ଜ ଜିଲ୍ଲାରୁ ବାଙ୍ଗିପୋଷି ବିଧାୟକଭାବେ ନିର୍ବାଚିତ ସୁଦାମ ମାର୍ଣ୍ଡିଙ୍କୁ ନିଜ ମନ୍ତ୍ରୀ ମଣ୍ଡଳରେ ସାମିଲ କରି ନିର୍ବାଚନ ମଣ୍ଡଳୀକୁ ତଥା ମୟୂରଭଞ୍ଜ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି । ମନ୍ତ୍ରି ହେବା ପରେ ଶ୍ରୀ ମାର୍ଣ୍ଡିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଭଳି ଏକ ଗୁରୁତ୍ୱ ପୂର୍ଣ୍ଣ ବିଭାଗର ଦାୟିତ୍ୱ ମିଳିଥିବାରୁ ସ୍ଥାନିୟ ଅଂଚଳରେ ଖୁସିର ଲହରି ଖେଳିଯାଇଛି । ତାଙ୍କର ବ୍ୟକ୍ତି ଭାବେ ତୃଣମୂଳ ସ୍ତରରୁ ବୁହୁ କର୍ମୀମାନଙ୍କ ସହ ଏପର୍ଯ୍ୟନ୍ତ ସୁସମ୍ପର୍କ ଥିବାର ଦେଖିବାକୁ ମିଳିଛି । ତାଙ୍କର ମିଷ୍ଟଭାଷା ଓ ସ୍ନେହୀ ଭାବ ଯୋଗୁଁ ସ୍ଥାନୀୟ ଅଂଚଳରେ ଆନନ୍ଦ ଲହରୀ ଖେଳିଯାଇଛି । କୃଷକ ସାଥୀ ରାମଲାଲ ସେଠୀ, ସୁମନ୍ତ ଧଳ, ଦୁର୍ଯୋଧନ ମହାନ୍ତ, ବିଶ୍ୱଜିତ ମହାନ୍ତ , ମକରନାଏକ ସମେତ ସକ୍ରୀୟ କର୍ମୀ ସରୋଜ କୁମାରମାଇତି, କ୍ଷେତ୍ରମୋହନ ସୋରେନ, ନବକୁମାର ପାତ୍ର ପ୍ରମୁଖ କ୍ୟାବିନେଟ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡିଶାର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୃତଜ୍ଞତା ଜଣାଇଛନ୍ତି ।

# ଭେଙ୍କଟେଶ୍ୱର ସ୍ୱାମୀଙ୍କୁ ୧୭୫ ତୋଳାର ସ୍ୱର୍ଣ୍ଣ ମୁକୁଟ ପିନ୍ଧାଗଲା



ରାୟଗଡା, ୩୧/୫ (ନି.ପ୍ର.): ରାୟଗଡା ସହରସ୍ଥିତ ଭେଙ୍କଟେଶ୍ୱର ମନ୍ଦିରର ରୌପ୍ୟ ଜୟନ୍ତି ଅବସରରେ ସ୍ୱାମୀ ଭେଙ୍କେଟଶ୍ୱରଙ୍କୁ ୧୭୫ ତୋଳାର ସ୍ୱର୍ଣ୍ଣ ମୁକୁଟ ପିନ୍ଧାଯାଇଛି । ଏଥି ନିମନ୍ତେ ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା । ଶ୍ରୀମାନନାରାୟଣ ରାମାନୁଜା ଚିନ୍ନା ସ୍ୱାମୀ ଭେଙ୍କଟଶ୍ୱର ସ୍ୱାମୀଙ୍କୁ ସୁନା ମୁକୁଟ ପିନ୍ଧାଇ ସଜାଇଥିଲେ । ଭେଙ୍କଟଶ୍ୱର ସ୍ୱାମୀଙ୍କ ସୁନାବେଶ ଦେଖିବା ନିମନ୍ତେ ପ୍ରବଳ ଜନସମାଗନ ହୋଇଥଇଲା । ଭେଙ୍କଟଶ୍ୱର ସ୍ୱାମୀ ତେଲୁଗୁ ସଂପ୍ରଦାୟର ହୋଇଥିବାରୁ ବିଶେଷ କରି ତେଲୁଗୁ ଲୋକଙ୍କ ଗହଳି ବେଶ ଥିଲା । ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗନ ହୋଇଥିଲା । ଭେଙ୍କଟଶ୍ୱର ସ୍ୱାମୀଙ୍କ ସୁନାବେଶ ସମୟରେ ଯେପରି କୌଣସି ଅପ୍ରିତକର ପରିସ୍ଥିତ ସୃଷ୍ଟି ନ ହୁଏ ସେଥି ନିମନ୍ତେ ପୋଲିସ କର୍ମଚାରୀ ମନ୍ଦିର ଚାରି ପାର୍ଶ୍ୱରେ ମୁତୟନ ହୋଇଥିଲେ ।

# ସାବିତ୍ରୀ ପୂଜା ଲାଗି ଆମ୍ବ-ଲିଚୁର ଚଢ଼ାଦର



ବାଲେଶ୍ୱର,୩୧।୫(ନି.ପ୍ର.): ସାମ୍ପ୍ରତିକ ଗ୍ରୀଷ୍ମର ପ୍ରକୋପରେ ସାଧାରଣ ଜନଜୀବନ ବେଶ୍ ପ୍ରଭାବିତ ହେଉଥିବା ବେଳେ ଏଥିରୁ ସାମୟିକ ଆଶ୍ୱସ୍ତି ଦେଉଛି ଖରାଦିନିଆ ଫଳର ସମ୍ଭାର । ଖରାଦିନ ଆରମ୍ଭ ହେବା କ୍ଷଣି ବଜାରରେ ଶୋଭା ପାଉଛି ବିଭିନ୍ନ କିସମର ଆମ୍ବ । ଏହା ସାଙ୍ଗକୁ ଦେଶର ବିଭିନ୍ନ ସ୍ଥାନରୁ ବଜାରରେ ପହଞ୍ଚିଛି ଲିଚୁ । ତେବେ ବଜାରରେ ମିଳୁଥିବା କୌଣସି କିସମର ଆମ୍ବ ଓଡ଼ିଶାରେ ଉତ୍ପାଦନ ହେଉନଥିବା ବେଳେ ଗ୍ରାହକଙ୍କ ଚାହିଦାକୁ ଗୁରୁତ୍ୱ ଦେଇ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆମଦାନୀ କରୁଥିବା ଜଣାଯାଇଛି । ସେଥି ମଧ୍ୟରୁ ଆନ୍ଧ୍ର ପ୍ରଦେଶରୁ ଆସୁଥିବା ବେଗମ୍ ପଲ୍ଲୀ ଆମ୍ବ ଲୋକଙ୍କର ଅଧିକ ଆଦୃତ ହୋଇପାରିଥିବା ଲକ୍ଷ୍ୟ କରାଯାଇଛି । କିଲୋ ପ୍ରତି ୫୦ରୁ ଶହେ ଟଙ୍କା ମଧ୍ୟରେ ବିଭିନ୍ନ ଭେରାଇଟିର ବେଗମପଲ୍ଲି ଆମ୍ବ ଏବେ ବଜାରରେ ମିଳୁଛି । ଧନୀଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ ଏହି ଆମ୍ବକୁ ପ୍ରାଥମିକତା ଦେଉଛନ୍ତି । ସେହିପରି ଦକ୍ଷିଣ ଭାରତରୁ ଆସୁଥିବା ତୋଟାପୁରି, ପଶ୍ଚିମବଙ୍ଗର ହିମ୍ ସାଗର, କର୍ଣ୍ଣାଟକର ରସପୁରି, ନୀଲମ ଓ ବାଦାମୀ, ତାମିଲନାଡୁର ମୂଲଗୋବା, ଉତ୍ତର ପ୍ରଦେଶର ଲେଙ୍ଗଡ଼ା, ଗୁଜରାଟର ସୌରାଷ୍ଟ୍ର ଅଞ୍ଚଳର କେଶର, ଉତ୍ତର ପ୍ରଦେଶ ମାଲିହାବାଦ୍‌ର ଦଶେରୀ, ଉତ୍ତର ଭାରତର ଚୌଂସା ପ୍ରଭୃତି ଆମ୍ବ ଏବେ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି । ଅଧିକ ସ୍ୱାଦଯୁକ୍ତ ଓ ଗୁଣବତ୍ତା ବିଶିଷ୍ଟ ଆଲଫୋନ୍ସ, ହାପୁସ୍ ଓ ବାଦାମୀ ପ୍ରଭୃତି ଆମ୍ବ ଧନୀକ ଶ୍ରେଣୀ ଲୋକେ ଅଧିକ ପସନ୍ଦ କରୁଛନ୍ତି । ତେବେ ଫୋନି ବାତ୍ୟା ଯୋଗୁଁ ଓଡ଼ିଶାରେ ଦେଶୀ ଆମ୍ବ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ କେବଳ ବାହାର ରାଜ୍ୟ ଆମ୍ବ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ଫଳ ବ୍ୟବସାୟମାନେ ପ୍ରକାଶ କରିଛନ୍ତି । ସବୁଠାରୁ ବଡ଼କଥା ହେଲା ବାହାର ରାଜ୍ୟରୁ ଆମଦାନୀ ହେଉଥିବା ଆମ୍ବ ଠିକ୍ ସମୟରେ ପହଞ୍ଚି ପାରୁନଥିବା ବେଳେ ଏହା ବଜାର ଦରକୁ ପ୍ରଭାବିତ କରୁଛି । ଅଦ୍ୟାବଧି ଆମ୍ବ ବ୍ୟବସାୟୀମାନେ କ୍ଷତି ସହୁଥିବା ବେଳେ ଆଗାମୀ ରଜ ପର୍ବ ଓ ସାବିତ୍ରୀ ବ୍ରତ ବେଳେ ଭଲ ବ୍ୟବସାୟ ହେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି । ସେହିପରି ଫଳବଜାରରେ ଗ୍ରାହକଙ୍କୁ ଆକୃଷ୍ଟ କରୁଛି ସଜା ହୋଇ ରହିଥିବା ପେନ୍ଥା ପେନ୍ଥା ଲିଚୁ । ଉତ୍ତମ ସ୍ୱାଦ ଓ ଗୁଣବତ୍ତାଯୁକ୍ତ ଲିଚୁ ଉତ୍ତର ପ୍ରଦେଶର ମିର୍ଜାପୁରରୁ ଆସୁଥିବା ବେଳେ ବିହାରର ଦରଭଙ୍ଗା, ହଜାରିବାଗ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ଆମଦାନୀ ଲିଚୁ ଅଧିକ ମାତ୍ରାରେ ବଜାରରେ ଉପଲବ୍ଧ ହେଉଛି । ଆଜିକାଲି ଓଡ଼ିଶାର ବାରିପଦାରୁ ଉତ୍ପାଦିତ ଲିଚୁ ମଧ୍ୟ ବାଲେଶ୍ୱର ଆସୁଥିବା ବ୍ୟବସାୟୀମାନେ କହିଛନ୍ତି । ତେବେ ପିଲାଙ୍କର ପ୍ରିୟ ଫଳ ଭାବେ ଲିଚୁ କେବଳ ଖରାଦିନରେ ମିଳୁଥିବାରୁ ଏହାକୁ ନେବାକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି । କେଜି ପ୍ରତି ୮୦ରୁ ଶହେଟଙ୍କା ମଧ୍ୟରେ ଏହା ବିକ୍ରି ହେଉଥିଲେ ବି ପ୍ରାୟତଃ ଅଧିକାଂଶ ପରିବାର ଲିଚୁ କ୍ରୟ କରୁଥିବା ଦେଖିବାକୁ ମିଳୁଛି ।

# ବିଜେପୁର ପ୍ୟାକେଜ୍ ନାଁରେ ନବୀନ ଶସ୍ତା ପଲିଟିକ୍ସ ବନ୍ଦ କରନ୍ତୁ: ନିରଞ୍ଜନ



ଭୁବନେଶ୍ୱର, ୩୧।୫ (ନି.ପ୍ର.): ବିଜେପୁରର ସର୍ବାଙ୍ଗୀନ ବିକାଶ ନାଁରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବାର ୨୪ ଘଂଟା ନ ପୁରୁଣୁ ନବୀନ ପଟ୍ଟନାୟକ ଏକ ବିରାଟ ପ୍ୟାକେଜ୍ ଘୋଷଣା କରିଛନ୍ତି । ନୂଆ ସରକାର ଗଠନ ହେଉ ହେଉ କେବଳ ଗୋଟିଏ ବିଧାନସଭା କ୍ଷେତ୍ର ପାଇଁ ଯେଉଁ ହଜାର ହଜାର କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରାଗଲା ଏହାକୁ ତୀବ୍ର ସମାଲୋଚନା କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ । ଏକ ପ୍ରେସ୍ ବିବୃତିରେ ଶ୍ରୀଯୁକ୍ତ ପଟ୍ଟନାୟକ ଏହି ପ୍ୟାକେଜ୍ ଘୋଷଣା ପଛର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । ରାଜ୍ୟରେ ୧୪୭ ବିଧାନସଭା ମଧ୍ୟରୁ କେବଳ ବିଜେପୁର ପାଇଁ ଏଭଳି ପ୍ୟାକେଜ୍ ପଛର କାରଣ କ'ଣ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ନିରଞ୍ଜନ । ନିର୍ବାଚନ ଜିତି ସରକାର ଗଠନ କରିବା ପରେ ନବୀନ ବାବୁ ସମସ୍ତ ୧୪୭ ବିଧାନସଭା କ୍ଷେତ୍ରର ମୁଖ୍ୟମନ୍ତ୍ରୀ ଅଟନ୍ତି, ତେଣୁ କେବଳ ନିଜ ବିଧାନସଭା କ୍ଷେତ୍ରକୁ ଏଭଳି ଅଗ୍ରାଧିକାର ଦେବା ଆଦୌ ସମୀଚିନ ନୁହେଁ ବୋଲି କହିଛନ୍ତି ନିରଞ୍ଜନ । କିଛିଦିନ ପୂର୍ବରୁ ବିଜେପୁର ଉପନିର୍ବାଚନ ବେଳେ ନବୀନବାବୁ ଯେଉଁ ପ୍ୟାକେଜ୍ ଘୋଷଣା କରିଥିଲେ ତା'ର ସ୍ଥିତି କ'ଣ ଓ ପୂର୍ବର ପ୍ୟାକେଜ୍ କେତେ କାର୍ଯ୍ୟକାରୀ ହୋଇଛି ତା'ର ହିସାବ ନବୀନ ବାବୁ ଦିଅନ୍ତୁ ବୋଲି ଦାବି କରିଛନ୍ତି ନିରଞ୍ଜନ ।

ବିଜେପୁରର ଏହି ପ୍ୟାକେଜ୍ ପଛରେ ବିଜେଡି ଓ ନବୀନ ବାବୁଙ୍କର ହୀନ ରାଜନୈତିକ ଉଦ୍ଦେଶ୍ୟ ରହିଛି ବୋଲି ଅଭିଯୋଗ କରିଛନ୍ତି ନିରଞ୍ଜନ । ନବୀନ ବାବୁ ହିଞ୍ଜିଳି ଓ ବିଜେପୁର ଦୁଇଟି ଆସନରୁ ଜିତିଛନ୍ତି । ଆଗକୁ ବିଜେପୁର ଆସନ ଖାଲି କରିବାର ସମ୍ଭାବନା ରହିଛି । ତେଣୁ ଉପନିର୍ବାଚନକୁ ଆଖିରେ ରଖି ନବୀନବାବୁ ଏଭଳି ପ୍ୟାକେଜ୍ ଘୋଷଣା କରିଛନ୍ତି ବୋଲି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ରାଜ୍ୟବାସୀଙ୍କ ପଇସାରେ ପ୍ୟାକେଜ୍ ଘୋଷଣା କରି ଶସ୍ତା ପଲିଟିକ୍ସ ନବୀନ ବାବୁ ବନ୍ଦ କରନ୍ତୁ ବୋଲି ଦାବି କରିଛନ୍ତି ନିରଞ୍ଜନ ।

# ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀଙ୍କ ବିଭାଗ ପରିଦର୍ଶନ



ଭୁବନେଶ୍ୱର, ୩୧/୦୫: ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅନୁସୂଚିତ ଜନଜାତି ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଜଗନ୍ନାଥ ସାରକା ଆଜି ପୂର୍ବାହ୍ନରେ ସଚିବାଳୟସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପରିଦର୍ଶନରେ ଆସିଥିଲେ । ମନ୍ତ୍ରୀ ଶ୍ରୀ ସାରକାଙ୍କୁ ବିଭାଗୀୟ ଶାସନ ସଚିବ ଆର୍. ରଘୁପ୍ରସାଦ ଓ ଅନ୍ୟ ବିଭାଗୀୟ କର୍ମଚାରୀମାନେ ସ୍ୱାଗତ କରିଥିଲେ । ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଶ୍ରୀ ସାରକା ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ମନ୍ତ୍ରୀ ସାରକା ଆଲୋଚନା କରିଥିଲେ । ବିଭାଗୀୟ ସଚିବ ଆର୍. ରଘୁପ୍ରସାଦ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ସଂଖ୍ୟାଲଘୁ ତଥା ପଛୁଆବର୍ଗ ନିମନ୍ତେ କରାଯାଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ସଂପର୍କରେ ମନ୍ତ୍ରୀ ଶ୍ରୀ ସାରକାଙ୍କୁ ଅବଗତ କରିଥିଲେ । ଏହାପରେ ମନ୍ତ୍ରୀ ବିଭାଗ ବୁଲି ଦେଖିଥିଲେ ଏବଂ ବିଭାଗର କାର୍ଯ୍ୟକଳାପର ପ୍ରଶଂସା କରିଥିଲେ ।

# ବେଦାନ୍ତ ପକ୍ଷରୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ



ଲାଞ୍ଜିଗଡ଼, ୩୧।୫ (ନି.ପ୍ର): ବେଦାନ୍ତ ଲାଞ୍ଜିଗଡ଼ ଲିମିଟେଡ ପକ୍ଷରୁ କାଳାହାଣ୍ଡିର ଲାଞ୍ଜିଗଡ଼ରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭାରତରେ ଋତୁସ୍ରାବ ନେଇ ଅନେକ ଅନ୍ଧବିଶ୍ୱାସ ରହିଛି । ଫଳରେ ଏନେଇ ଲୋକେ ରକ୍ଷଣଶୀଳ ହୋଇଥାନ୍ତି । ତେବେ ଗ୍ରାମୀଣ ଅଂଚଳରେ ମହିଳାଙ୍କୁ ଏନେଇ ଆବଶ୍ୟକ ସାମଗ୍ରୀ ଉପଲବ୍ଧ କରାଇବା ସହିତ ସ୍ୱଚ୍ଛତା ସମ୍ପର୍କରେ ସଚେତନ ହେବାର ଆବଶ୍ୟକତା ରହିଛି । ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୬୦ରୁ ଅଧିକ କିଶୋରୀ ଏବଂ ମହିଳା ଯୋଗଦେଇଥିଲେ । ବେଦାନ୍ତ ଲାଞ୍ଜିଗଡ଼ ୟୁନିଟ୍‌ର ସିଓଓଙ୍କ ସ୍ତ୍ରୀ ଶ୍ରୀମତୀ ପ୍ରେରନା ମୋହନ ଏହି ଅବସରରେ ଯୋଗଦେଇ ଉପସ୍ଥିତ କିଶୋରୀ ଏବଂ ମହିଳାଙ୍କୁ ଋତୁସ୍ରାବ ସମ୍ପର୍କ ଆବଶ୍ୟକ ତଥ୍ୟ ଅବଗତ କରାଇବା ସହିତ ଏହି ସମୟରେ କିଭଳି ସ୍ୱଚ୍ଛତା ରକ୍ଷାକରାଯାଇପାରିବ ସେନେଇ ଆଲୋକପାତ କରିଥିଲେ । ସୁରକ୍ଷିତ ସାନିଟାରୀ ପ୍ୟାଡ୍ ଏହି ସମୟରେ ବ୍ୟବହାର କଲେ ଏହା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ହୋଇଥାଏ ବୋଲି ସେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଋତୁସ୍ରାବ ସମୟରେ କିଭଳି ଅନୁଭବ ହୋଇଥାଏ ସେ ସମ୍ପର୍କରେ ପରସ୍ପର ମଧ୍ୟରେ ଭାବର ଆଦନପ୍ରଦାନ କରିଥିଲେ । ଆବଶ୍ୟକସ୍ଥଳେ କିଭଳି ଡାକ୍ତରଙ୍କ ପରାମର୍ଶ ନିଆ ଯାଇପାରିବ ସେନେଇ ଆଲୋଚନା ହୋଇଥିଲା । ହି ଅବସରରେ ଲାଞ୍ଜିଗଡ଼ ଇଂଟିଗ୍ରେଟେଡ୍ ଚାଇଲ୍ଡ ଡେଭଲପମେଂଟ୍ ସର୍ଭିସ୍ ମହିଳା ସୁପରଭାଇଜର ସୁଶ୍ରୀ ଜ୍ୟୋସ୍ନାରାଣୀ ଯୋଗଦେଇ ସରକାରୀସ୍ତରରେ କରାଯାଉଥିବା ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଏହା ସହିତ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ସବଳ କାର୍ଯ୍ୟକ୍ରମ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କରାଯାଉଥିବା ଋତୁସ୍ରାବ ସ୍ୱଚ୍ଛତା ଯେଜାନ ସମ୍ପର୍କରେ ଅବଗତ କରାଇଥିଲେ ।

# ପୂର୍ବତଟ ରେଳପଥର ସୁରକ୍ଷା ବଳର ନୂତନ ପ୍ରମୁଖ ନିରାପତ୍ତା ଆୟୁକ୍ତ



ଭୁବନେଶ୍ୱର, ୩୧।୫ (ନି.ପ୍ର.): ପୂର୍ବତଟ ରେଳପଥର ରେଳବାଇ ସୁରକ୍ଷା ବଳ ନୂତନ ପ୍ରମୁଖ ନିରାପତ୍ତା ଆୟୁକ୍ତ ଭାବେ ରାଜାରାମ ଇତିମଧ୍ୟରେ ଯୋଗଦାନ କରିଛନ୍ତି । ସେ ୧୯୮୮ ମସିହା ଭାରତୀୟ ସିଭିଲ୍ ସେବା ଅଧିକାରୀ ଅଟନ୍ତି । ଏହା ପୂର୍ବରୁ ରାଜାରାମ ଉତ୍ତର ପୂର୍ବ ରେଳପଥ ଗୋରଫୁରଠାରେ ପ୍ରମୁଖ ନିରାପତ୍ତା ଆୟୁକ୍ତ ଭାବେ କାର୍ଯ୍ୟ କରୁଥିଲେ । ସେ ମଧ ରେଳବାଇ ବୋର୍ଡରେ କାର୍ଯ୍ୟ କରିଛନ୍ତି । ତାଙ୍କର ରେଳବାଇରେ ଅପରାଧ ରୋକିବା କ୍ଷେତ୍ରରେ ଅନେକ ଦକ୍ଷତା ରହିଛି । ଶ୍ରୀ ରାଜାରାମ ମଧ ଲକ୍ଷ୍ନୌଠରେ ଆର୍‌ଡିଏସ୍‌ଓ ଏବଂ ହାଜିପୁରସ୍ଥିତ ପୂର୍ବ କେନ୍ଦ୍ରୀୟ ରେଳପଥର ମୁଖ୍ୟ ନିରାପତ୍ତା ଆୟୁକ୍ତ, ଲକ୍ଷ୍ନୌ ସ୍ଥିତ ରେଳବାଇ ସୁରକ୍ଷା ବଳ ଏକାଡେମୀର ନିର୍ଦ୍ଦେଶକ ଏବଂ ଦକ୍ଷିଣ ପୂର୍ବ ରେଳପଥ, ପୂର୍ବ ରେଳପଥ ଏବଂ ପୂର୍ବ ସୀମାନ୍ତ ରେଳପଥରେ ରେଳବାଇ ସୁରକ୍ଷା ବଳର ବହୁ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି । ଶ୍ରୀ ରାଜାରାମଙ୍କ କାର୍ଯ୍ୟ ଦକ୍ଷତା ପାଇଁ ସେ ୨୦୧୨ ମସିହାରେ ଭାରତୀୟ ପୋଲିସ୍ ସେବା, ୨୦୦୪ରେ ରେଳବାଇ ସୁରକ୍ଷା ବଳ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଉଚ୍ଚ ପ୍ରଶସ୍ତି ଏବଂ ସୂଚନ ଚିହ୍ନ ଓ ମହାପ୍ରବନ୍ଧକଙ୍କ ପକ୍ଷରୁ ଅନେକଥର ସମ୍ମାନିତ ହୋଇଛନ୍ତି ।


Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 **Email : odishamanthan@gmail.com**

● **Editor : Sarat Raut** Managing Editor - Bibhuti Bhusan Patra ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର **ସଂପାଦକ: ଶରତ ରାଉତ**